## ସଂକ୍ଷେପରେ

### ଭାଲୁ ଆକ୍ରମଣରେ ବୃଦ୍ଧା ଗୁରୁତର



ନବରଙ୍ଗପୁର,୧୬।୧(ବି.ପ୍ର.)- ମୈଇଦଲପୁର ହାଟକୁ ବୃଦ୍ଧା ଲଖେଇ ଜାନୀ ଆସୁଥିବାବେଳେ ଜଙ୍ଗଲ ରାସ୍ତାରେ ଭାଲୁ ଆକ୍ରମଣର ଶିକାର ହୋଇ ଗୁରୁତର ହୋଇଛନ୍ତି। ତାଙ୍କୁ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ପାପଡାହାଣ୍ଡି ବ୍ଲକ ମାଝିଗୁଡା ପଞ୍ଚାୟତ ଅଧିନ ଖଡକାପଦର ଗାଁର ଲଖେଇ ଗାଁରୁ ମୈଇଦଲପୁର ହାଟକୁ ଚାଙ୍ଗୁଡିରେ ଚୁଡା ଓ ଚଣା ଧରି ଆସୁଥିଲେ । ଜଙ୍ଗଲ ରାସ୍ତାରେ ହଠାତ ଏକ ଭାଲୁ ଆସି ଲଖେଇଙ୍କୁ ଆକ୍ରମଣ କରିଥିଲା । କୌଶଳ କ୍ରମେ ଭାଲୁ କବଳରୁ ସେ ଖସି ଆସି ରକ୍ତାକ୍ତ ଅବସ୍ଥାରେ ତୁଳସିପଦର ଗାଁ ନିକଟ ତଥା ୨୬ ନମ୍ବର ଜାତୀୟ ରାଜପଥରେ ପହଞ୍ଚିଥିଲେ । ମୈଇଦଲପୁର ପୋଲିସ ଖବର ପାଇ ଘଟଣାସ୍ଥଳରେ ପହଁଞ୍ଚି ୧୦୮ ଆମ୍ବୁଲାନ୍ସ ଯୋଗେ ନବରଙ୍ଗପୁର ଡାକ୍ତରଖାନାରେ ଭର୍ତ୍ତି କରିଛି ।

### ଆଇନଜୀବୀ ଏନ୍. ଅହମ୍ମଦଙ୍କ ଜନ୍ମଦିବସ ପାଳିତ

ନବରଙ୍ଗପୁର,୧୬।୧(ବି.ପ୍ର)-ନବରଙ୍ଗପୁର, ଜିଲା ଆଇନଜୀବୀ ସଂଘର ବରିଷ୍ଠ ସଦସ୍ୟ ତଥା ସରକାରୀ ଅଧିବକ୍ତା ଏନ. ଅହମ୍ମଦଙ୍କ ୭୮ତମ ଜନ୍ମଦିବସ ଜିଲା ଅଦାଲତ ପରିସରରେ ଥିବା ସମ୍ମିଳନୀ ଗୃହରେ ଆଇନଜୀବୀ ସଂଘ ପକ୍ଷରୁ ପାଳିତ ହୋଇଯାଇଛି। ସଂଘର ସଭାପତି ନରସିଂହନାଥ ନାଥ ତ୍ରିପାଠୀ ଅଧକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରାମପ୍ରସାଦ ପାତ୍ର, ବରିଷ୍ଠ ଆଇନଜୀବୀ ଉମାଶଙ୍କର ତ୍ରିପାଠୀ, ସି.ଏଚ ବାବା ଯୁଗନ୍ଧର, ସମରେଶ ଗନ୍ତାୟତ, ସନ୍ତୋଷ ମିଶ୍ର, ଗୋପାଳକୃଷ୍ଣ ପାଣିଗ୍ରାହୀ, ସଞ୍ଜୟ ପ୍ରଦୀପ ସୁନା, ସିରାଜୁଦ୍ଦିନ ଅହମ୍ମଦ, ରାଜକିଶୋର ନାଗ, ସ୍ନେହଲତା ଦେବୀ, ସରୋଜ ବେହେରା, ରଘୁନାଥ ପାଢ଼ି ପ୍ରମୁଖ ଏନ. ଅହମ୍ମଦଙ୍କ ଦୀର୍ଘଜୀବନ କାମନା କରିବା ସହ ଶୁଭେଚ୍ଛା ଜଣାଇଥିଲେ। ମହମ୍ମଦ ୧୯୭୧ ମସିହାରୁ ଆଇନସେବା ଆରମ୍ଭ କରି ଏ ପର୍ଯ୍ୟନ୍ତ ନିଜ ଆଇନ ବୃତ୍ତିର ସକ୍ରିୟ ରହିଛନ୍ତି। ସେ ଶ୍ରମିକ ଆନ୍ଦୋଳନର ନେତୃତ୍ୱ ନେଇ ସେମାନଙ୍କ ନାଯ୍ୟ ଦାବିକୁ ହାସଲ କରିବା ପାଇଁ ଅତୀତରେ ଅନେକ ସଂଗ୍ରାମ କରି ସଫଳତା ପାଇଛନ୍ତି।

# ୨ ଲୁଟ୍ ଘଟଣାରେ ୪ ଗିରଫ

■ ୪୮,୨୦୦ଟଙ୍କା, ମୋବାଇଲ, ବାଇକ ଓ ଛୁରି ଜବତ
■ ପୂର୍ବତନ ବିଧାୟକ ସଦନ ନାୟକଙ୍କ ଠାରୁ ଲୁଟ ଘଟଣାରେ ୨ ଗିରଫ

ନବରଙ୍ଗପୁର,୧୬।୧(ଡି.ଏନ.ଏ.)

ଦୁଇଟି ଲୁଟ ଘଟଣାରେ ନବରଙ୍ଗପୁର ପୋଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ନବରଙ୍ଗପୁର ଆଦର୍ଶ ଥାନା ସମ୍ମିଳନୀ କକ୍ଷଠାରେ ଆହୁତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ଶାନ୍ତନୁ ମହାନ୍ତି ଏ ସମ୍ପର୍କରେ ସୂଚନା ଦେଇଛନ୍ତି । ଡିସେମ୍ବର ୨୨ ତାରିଖରେ ପୂର୍ବତନ ବିଧାୟକ ସଦନ ନାୟକ ସନ୍ଧ୍ୟା ସାଢେ ୭ଟାରେ ହିର୍ଲି ନିକଟ ତାଙ୍କ ପେଟ୍ରୋଲ ପମ୍ପରୁ ୨ ଲକ୍ଷ ୫୫ ହଜାର ଟଙ୍କା ଧରି କାରରେ ଫେରୁଥିଲେ । ହିର୍ଲି ପାହାଡ ଛକ ନିକଟସ୍ଥ ରାସ୍ତାରେ ନମ୍ବର ବିହୀନ ମୋଟର ସାଇକଲରେ୨ ଜଣ ଆସି କାର କାଚ ତଳକୁ ଚାପି ଦେଇ ବ୍ୟାଗ ଭର୍ତ୍ତି ଟଙ୍କା ଉଠାଇ ନେଇ ଯାଇଥିଲେ । ଏନେଇ ନବରଙ୍ଗପୁର ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା । ଏହି ଘଟଣାରେ ନବରଙ୍ଗପୁର ଗଦବାଗୁଡା ସାହିର ଲିଙ୍ଗା ଓରଫ ଲିଙ୍ଗରାଜ ମଲ୍ଲିକ ଓ ସେନାପତି ସାହିର ଭୁବନ ଗରଡାଙ୍କୁ



ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସପି ଶାନ୍ତନୁ ମହାନ୍ତି ସୂଚନା ଦେଉଛନ୍ତି।

ଗିରଫ କରାଯାଇଛି । ସେମାନଙ୍କ ଠାରୁ ଗୋଟିଏ ଛୁରୀ, ଗୋଟିଏ ମୋବାଇଲ, ବାଇକ ଓ ୪୪ ହଜାର ୭ଶହ ଟଙ୍କା ଜବତ କରାଯାଇଛି । ତେବେ ଭୁବନ ୨୦୧୮ ଫେବୃୟାରୀ ୪ ତାରିଖରେ ତାରାଗାଁ ନିକଟ ଏକ ଲୁଟ ଘଟଣାରେ ଜଡିତ ରହିଛି । ସେ କୋଡିଙ୍ଗା ଥାନା ଅଧିନରେ ଡକରିଗୁଡା ଗାଁ ନିକଟରେ ଜୁଲାଇ ମାସରେ ଜଣେ ବ୍ୟକ୍ତିଙ୍କ ଠାରୁ ୧୨ ହଜାର ୧୬୦ ଟଙ୍କା ଲୁଟ୍ କରିଥିବା ପୋଲିସ କହିଛି । ତେନ୍ତୁଳିଖୁଣ୍ଟି ଥାନା ଅଧିନରେ ଏକ ଲୁଟ ଘଟଣାରେ ଲିଙ୍ଗରାଜଙ୍କ ସମ୍ପୃକ୍ତି ରହିଛି । ଆବଶ୍ୟକ ସ୍ଥଳରେ ସେମାନଙ୍କୁ ରିମାଣ୍ଡରେ ଅଣାଯିବ ବୋଲି ଅତିରିକ୍ତ ଏସପି କହିଛନ୍ତି ।ସେହିଭଳି ୩ ତାରିଖ ବିଳମ୍ବିତ ରାତିରେ ଚାଉଁରିଆଗୁଡା ନିକଟସ୍ଥ ଏକ ପେଟ୍ରୋଲ ପମ୍ପ ନିକଟରେ ୨ ଟି ମକା ବୋଝେଇ ଟ୍ରକ ରଖି ତରକାରି ଗରମ କରିବା ସମୟରେ ଟ୍ରକ ଡ୍ରାଇଭର ଓ ହେଲପରମାନଙ୍କ ଠାରୁ ଦୁର୍ବୃତ୍ତମାନେ ୪ ମୋବାଇଲ ଓ ଟଙ୍କା ଛଡାଇ ନେଇଥିଲେ । ଗୋଟିଏ ଆନ୍ଧ୍ର ଟ୍ରକ ଲୁଟ ପରେ ଚାଲି ଯାଇଥିବା ବେଳେ ଓଡିଶା ପଞ୍ଜିକରଣ ଟ୍ରକର ଡ୍ରାଇଭର ସୁବାଷ ସ୍ୱାଇଁ ନବରଙ୍ଗପୁର ଥାନାରେଏତଲା ଦେଇଥିଲେ । ଦୁର୍ବୃତ୍ତମାନେ ୧୨ ହଜାରଟଙ୍କା ଓ ୪ଟି ମୋବାଇଲ ନେଇଯାଇଥିବା ଦର୍ଶାଇଥିଲେ । ଏନେଇ ପୋଲିସ ସିସିଟିଭି ଫୁଟେଜକୁ ଆଧାର କରି ତଦନ୍ତ କରିଥିଲା । ଏହି ଘଟଣାରେ ନବରଙ୍ଗପୁର ଦଶହରାପଦା ସାହିର ହେମନ୍ତ ଦୀପ ଓ ଗାଦବାଗୁଡା ସାହିର ବରକତ ଅଲ୍ଲୀଙ୍କୁ ପୋଲିସ ଗିରଫ କରିଛି । ସେମାନଙ୍କ ଠାରୁ ୩ ହଜାର ୫ଶହ ଟଙ୍କା ଜବତ କରାଯାଇଛି ବୋଲିସ ଅତିରିକ୍ତ ଏସପି ସୂଚନା ଦେଇଥିଲେ। ଖବରଦାତା ସମ୍ମିଳନୀରେ ପାପଡାହାଣ୍ଡି ଥାନା ଅଧିକାରୀ ତାରିକ ଅହମ୍ମଦ, ନବରଙ୍ଗପୁର ଥାନା ଅଧିକାରୀ ଭିମସେନ ନାୟକ, ଅତିରିକ୍ତ ଥାନା ଅଧିକାରୀ ମୁନି ଆଚାରୀ, ଏସଆଇ ଦିଲ୍ଲିପ ପ୍ରଧାନ, ସୁଚିତ୍ରା ଜୟସିଂ, ପଞ୍ଚାନନ ପରିଡା, ଦେବଦତ୍ତ ମଲ୍ଲିକ, ଏସଆଇ ରମେଶ ଚନ୍ଦ୍ର ପାତ୍ର, ଅନିଲ କୁମାର ପୃଷ୍ଟି ପ୍ରମୁଖ ଉପସ୍ଥିତ ରହିଥିଲେ ।

## ୨ ସାହି ମଧ୍ୟରେ ସଂଘର୍ଷ

### ପୋଲିସ ଉପରକୁ ଉତ୍ତ୍ୟକ୍ତ ଲୋକ ପଥର ଫିଙ୍ଗିଲେ

ନବରଙ୍ଗପୁର,୧୬।୧(ବି.ପ୍ର)

ନବରଙ୍ଗପୁର ସହରସ୍ଥିତ ବଡହରିଜନ ସାହି ଓ ଦଣ୍ଡାସାହି ମଧ୍ୟରେ ବୁଧବାର ରାତିରେ ସଂଘର୍ଷ ଘଟିଛି। ଉଭୟ ଗୋଷ୍ଠୀ ପରସ୍ପରକୁ ଢେଲା ଓ ପଥର ଫିଙ୍ଗିଥିଲେ। ପୋଲିସ ଉତ୍ତେଜନାକୁ ନିୟନ୍ତ୍ରଣ କରିବାକୁ ପହଞ୍ଚିଥିଲା। ଉତ୍ତ୍ୟକ୍ତ ଲୋକମାନେ ପୋଲିସ ଉପରକୁ ମଧ୍ୟ ପଥର ଓ ଢେଲା ଫିଙ୍ଗିଥିଲେ। ତେବେ ପୋଲିସ ଲାଠି ଧରି ଲୋକମାନଙ୍କୁ ଘଉଡାଇବାକୁ ଉଦ୍ୟମ କରିବାରୁ ଲୋକମାନେ ଘଟଣାସ୍ଥଳରୁ ଦୌଡି ପଳାଇଥିଲେ । ବଡ ହରିଜନ ସାହିର ଜଣକ ଘରକୁ ଅତିଥିମାନେ ଆସିଥିଲେ। ଏହି ଅତିଥିମାନଙ୍କ କିଛି ପିଲା ସ୍ଥାନୀୟ ଏକ ହୋଟେଲକୁ ଟିଫିନ ଖାଇବାକୁ ଯାଇଥିଲେ। ଏହି ସମୟରେ ଦଣ୍ଡା ସାହିର କିଛି ପିଲାମାନେ ସେମାନଙ୍କୁ ପିଟିଥିଲେ। ଆସିଥିବା ଅତିଥିଙ୍କୁ କାହିଁକି ପିଟିଲ ବୋଲି କହି ହରିଜନ ସାହିର ଲୋକମାନେ ଦଣ୍ଡାସାହିରେ ପହଞ୍ଚିଥିଲେ। ଉଭୟ ସାହି ମଧ୍ୟରେ ଝଗଡା ତୀବ୍ର ହୋଇ ମାରପିଟ ହୋଇଥିଲେ। ଘଟଣା ସହରର ମୁଖ୍ୟ ଛକ ତଥା ଟ୍ରାଫିକ ପୋଷ୍ଟ ନିକଟରେ ହୋଇଥିବାରୁ ଉତ୍ତେଜନାକୁ ଆୟତ୍ତ କରିବା ପାଇଁ ଥାନା ଅଧିକାରୀ ଭୀମସେନ ନାୟକ ଓ ଏସଆଇ ଦୀଲିପ ପ୍ରଧାନ, ଏଏଏସଆଇ ରମେଶ ପାତ୍ର ପୋଲିସ ଟିମ୍ ସହ ପହଞ୍ଚିଥିଲେ। ଉଭୟ ସାହି ବାସିନ୍ଦା ପରସ୍ପରକୁ ଢେଲା, ପଥର ଫିଙ୍ଗାଫିଙ୍ଗି ହେଉଥିଲେ। ଏହି ସମୟରେ ପୋଲିସ ପହଞ୍ଚିଯିବାରୁ ପୋଲିସ ଉପରକୁ ମଧ୍ୟ ଢେଲା, ପଥର ଫିଙ୍ଗିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ପୋଲିସ ଲାଠି ଧରି ଘଉଡାଇବାରୁ ଉପସ୍ଥିତ ଲୋକମାନେ ଦୌଡି ଚାଲି ଯାଇଥିଲେ। ଟ୍ରାଫିକ ପୋଷ୍ଟରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବା ସହ ଥାନା ଅଧିକାରୀ ଉପସ୍ଥିତ ରହିଛନ୍ତି। ଦଣ୍ଡାସାହିରେ ପୋଲିସ ପାଟ୍ରୋଲିଂ ଜୋରସୋରରେ କରୁଛି। ଅତିରିକ୍ତ ଏସପି ଶାନ୍ତନୁ ମହାନ୍ତି ପହଞ୍ଚି ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

## ରାସ୍ତାରେ ଆଲୋକ ବ୍ୟବସ୍ଥା ପାଇଁ ଜିଲାପାଳଙ୍କୁ ସ୍ମାରକପତ୍ର

ନବରଙ୍ଗପୁର,୧୬।୧(ବି.ପ୍ର)

ନବରଙ୍ଗପୁର ସହରର ମୁଖ୍ୟ ରାସ୍ତା ନୂଆବନ୍ଧସାହିରୁ ନୂଆ ଜିଲାକୋର୍ଟ ଗୃହ ରାସ୍ତାରେ ଆଲୋକ ବ୍ୟବସ୍ଥା ଆଦୌ ନାହିଁ । ଜିଲା କୋର୍ଟ ସହ ଅନେକ ସରକାରୀ ବେସରକାରୀ ଅନୁଷ୍ଠାନ, କଲେଜ, ନର୍ସିଂ ସ୍କୁଲ, ଗ୍ରାମ୍ୟ ଉନ୍ନୟନ, କୃଷି ଓ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ, ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନ, ଜିଲା ମୁଖ୍ୟ ଡାକ୍ତରଖାନାକୁ ଯାଉଥିବା ଲୋକ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ନନ୍ଦାହାଣ୍ଡି ଓ ତେନ୍ତୁଳିଖୁଣ୍ଟି ବ୍ଲକର ଶତାଧିକ ଗ୍ରାମକୁ ଯାଉଥିବା ପଥଚାରୀ ଏହି ରାସ୍ତାରେ ଯାତାୟାତ କରିଛନ୍ତି। ଏହି ରାସ୍ତାରେ କୌଣସି ଆଲୋକ ବ୍ୟବସ୍ଥା ନ ଥିବା ଯୋଗୁ ଲୋକମାନେ ଯାତାୟାତ ସମୟରେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ଆଲୋକ ବ୍ୟବସ୍ଥା କରିବାକୁ ତୁରନ୍ତ ବିହିତ ପଦକ୍ଷେପ ନେବା ପାଇଁ ଜିଲା ଆଇନଜୀବୀ ସଂଘ ତରଫରୁ ସଭାପତି ନରସିଂହନାଥ ତ୍ରିପାଠୀ ଓ ସମ୍ପାଦକ ରାମପ୍ରସାଦ ପାତ୍ର ଜିଲାପାଳ ଅଜିତ କୁମାର ମିଶ୍ରଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ଏଥିସହ ସହର ଅନ୍ୟସବୁ ସ୍ଥାନରେ ଏଲଇଡି ଆଲୋକ ବ୍ୟବସ୍ଥା କରିବା ପାଇଁ ସଂଘ ତରଫରୁ ଅନୁରୋଧ କରାଯାଇଛି ।

■ ଓଟିଇଟି ପରୀକ୍ଷା ବାତିଲ

## ବୃଥା ହେଲା ପରିକ୍ଷାର୍ଥୀଙ୍କ ପରିଶ୍ରମ

ନବରଙ୍ଗପୁର,୧୬।୧(ବି.ପ୍ର.)–

ନବରଙ୍ଗପୁର ଜିଲାର ୮ଟି ପରୀକ୍ଷା କେନ୍ଦ୍ରରେ ପ୍ରଥମ ପର୍ଯ୍ୟାୟରେ ୧୯୫୧ ଜଣ ଓଟିଇଟି ପରୀକ୍ଷା ଦେଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟରେ ୬୦୧ ଜଣ ପରିକ୍ଷାର୍ଥୀ ପରୀକ୍ଷା ଦେଇଥାନ୍ତେ। ଏଥିପୂର୍ବରୁ ପ୍ରଶ୍ନପତ୍ର ଲିକ ହୋଇଥିବା ନେଇ ଖବର ଆସିବା ପରେ ପରୀକ୍ଷା ବାତିଲ ହୋଇଛି। ଏନେଇ ପରିକ୍ଷାର୍ଥୀମାନେ ନିରାଶ ହୋଇ ଘରକୁ ଫେରିଛନ୍ତି । ବହୁ ଦୂର ଦୂରାନ୍ତରୁ ଖର୍ଚ୍ଚାନ୍ତ ହୋଇ ଆସିଥିବା ପରିକ୍ଷାର୍ଥୀ ମାନେ ନବରଙ୍ଗପୁର ସହରକୁ ଆଗୁଆ ଆସି ହୋଟେଲ, ଲଜମାନଙ୍କରେ ରହିଥିଲେ । ଏଭଳିକି ଲଜ ଗୁଡିକରେ ରୁମ ମିଳିନଥିବାରୁ ଅନେକ ପରିକ୍ଷାର୍ଥୀ ଶୀତ କାକରରେ ବିଭିନ୍ନ ସମସ୍ୟା ମଧ୍ୟ ଭୋଗିଛନ୍ତି । ପରୀକ୍ଷା ପାଇଁ ପରୀକ୍ଷାର୍ଥୀ କରିଥିବା ପରିଶ୍ରମ ଏବେ ବୃଥା ହୋଇ ଯାଇଛି।

## କଂଗ୍ରେସ ପକ୍ଷରୁ ଉଠା ଜଳସେଚନ କାର୍ଯ୍ୟାଳୟ ଘେରାଉ

ନବରଙ୍ଗପୁର,୧୬।୧(ବି.ପ୍ର.)

ଚାଷୀମାନେ ଗଭୀର ନଳକୂପ ମାଧ୍ୟମରେ ଉଠା ଜଳସେଚ ପଏଣ୍ଟ ପାଇଁ ଆବେଦନ କରିଥିଲେ । ସାଧାରଣ ବର୍ଗ ୨୦ ହଜାରଟଙ୍କା ଓ ବିପିଏଲ, ଅନୁସୂଚିତିତ ଜାତି ଓ ଜନଜାତି ବର୍ଗ ଲୋକ ୧୦ ହଜାର ଟଙ୍କା ଲେଖାଏ ଅଗ୍ରିମ ଟଙ୍କା ଜମା କରିଥିଲେ । ଟଙ୍କା ଜମା କରିବାର ୨ ବର୍ଷ ବିତିବାକୁ ବସିଲେ ମଧ୍ୟ ଚାଷୀ ତଥା ହିତାଧିକାରୀଙ୍କ ଜମିରେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ପାରିଲା ନାହିଁ । ଏ ନେଇ ଚାଷୀଙ୍କୁ ସାଥିରେ ଧରି କଂଗ୍ରେସ ପକ୍ଷରୁ ଉଠାଜଳସେଚନ ବିଭାଗ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା । କ୍ରମିକ ତାଲିକା ଅନୁଯାଇ ହିତାଧିକାରୀଙ୍କ ଜମିରେ ବୋରୱେଲ ଖନନ ହେଉ ନାହିଁ ବୋଲି ଚାଷୀମାନେ ଅଭିଯୋଗ କରିଥିଲେ । ଏନେଇ ବିଭାଗୀୟ ନିର୍ବାହୀ ଅଧିକାରୀ ଗଙ୍ଗାଧର ତ୍ରିପାଠୀ କହିଥିଲେ ଯେ,



ନିର୍ବାହୀ ଯନ୍ତ୍ରୀଙ୍କ ସହ ଆନ୍ଦୋଳନକାରୀ ମାନେ ଆଲୋଚନା କରୁଛନ୍ତି।

୨୦୧୭ ଡିସେମ୍ବର ୩୧ ତାରିଖ ସୁଦ୍ଧା ୩ ହଜାର ୬୭୦ ଜଣ ଚାଷୀ ବୋରୱେଲ ପାଇଁ ଆବେଦନ କରିଥିଲେ । ସେଥିମଧ୍ୟରୁ ୧୯୪୫ଟି କେବଳ ରାଇଘର ବ୍ଲକର ଥିଲା । ୨ ଥର ଟେଣ୍ଡର କରାଯାଇଥିଲା । ପରବର୍ତ୍ତି ସମୟରେ ତାହା ବାତିଲ କରାଯାଇଥିଲା । ଏବେ ଟେଣ୍ଡର ହୋଇ ସାରିଛି । ୧୨ ଜଣ ଠିକା ପାଇଛନ୍ତି। ୧୨ଶହ ବୋରୱେଲ ପାଇଁ କାର୍ଯ୍ୟାଦେଶ ଦିଆଯାଇଛି । ସେଥିମଧ୍ୟରୁ ରାଇଘର ବ୍ଲକର ୬୫୦ ଜଣ ଚାଷୀଙ୍କ ତାଲିକା ରହିଛି । ପ୍ରତ୍ୟେକ ପ୍ରକଳ୍ପ ୩ ଲକ୍ଷ ୮୮ ହଜାର ଟଙ୍କା ଥିବା ସୂଚନା ଦିଆଯାଇଛି । ଅନ୍ୟୁନ ୧ଶହ ଫୁଟ ବୋରୱେଲ ଖନନ ହେବ । ସେଚ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରି ଚାଷୀଙ୍କୁ ଦିଆଯିବ ବୋଲି କହିଥିଲେ । ପଞ୍ଚାୟତ ଅନୁଯାୟୀ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଉ, କ୍ରମିକ ନମ୍ବର ଅନୁଯାଇ ଖନନ କରାଯାଉ ବୋଲି ଆନ୍ଦୋଳନକାରୀ

### ଚାଷଜମିକୁ ମିଳୁନି ପାଣି

ଦାବୀ କରିଥିଲେ । ରାଇଘର ବ୍ଲକର ୭ଟି ପଞ୍ଚାତରେ ୭ଟି ଗାଡି ଲାଗିଛି । ଗୋଟିଏ ପଞ୍ଚାୟତରେ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଅନ୍ୟ ପଞ୍ଚାୟତରେ ଖନନ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କହିଥିଲେ । ଏହି ଆନ୍ଦୋଳନରେ ଜିଲା କଂଗ୍ରେସ ସଭାପତି ଓ ପିସିସି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝୀଙ୍କ ସମେତ ଜିଲା ଉପସଭାପତି ଦିଲ୍ଲିପ ବେହେରା, ସମ୍ପାଦକ କୁନା ପାଢୀ, ନନ୍ଦାହାଣ୍ଡି ବ୍ଲକ ସଭାପତି ବୃନ୍ଦାବନ ତ୍ରିପାଠୀ, ପଶ୍ଚିମାଞ୍ଚଳ ସଂଖ୍ୟାଲଘୁ ସେଲର ଅଧକ୍ଷ ଅବଦୁଲ ଫିରୋଜ, ଜିଲା ସଭାନେତ୍ରୀ ନାଗରତ୍ନମ୍ମା, ଯତିନ୍ଦ୍ର ଗଣ୍ଡ, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ସାହୁ, ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ସଦନ ନାୟକ, ନଗର ସଭାପତି ଉତ୍ତମ ତ୍ରିପାଠୀ ସମେତ ଚାଷୀମାନେ ଉପସ୍ଥିତ ଥିଲେ ।

## ବାଲି, ମୋରମ ବୋଝେଇ ୪ ଟ୍ରାକ୍ଟର ଜବତ

ଦିଗପହଣ୍ଡି/ପାଟପୁର,୧୬।୧(ଡି.ଏନ.ଏ.)

ସାନଖେମୁଣ୍ଡି ତହସିଲଦାର ଅମିତ କୁମାର ନାୟକ ବାଲି ଓ ମୋରମ ବୋଝେଇ ୪ ଟ୍ରାକ୍ଟର ଜବତ କରିଛନ୍ତି। ବିନା ଟ୍ରାନଜିଟ୍ ଫର୍ମରେ ଲଘୁ ଖଣିଜ ପଦାର୍ଥ ଚାଲାଣ କରୁଥିବା ଏହି ଟ୍ରାକ୍ଟରଗୁଡ଼ିକୁ ସେ ପାଟପୁର ରାଜସ୍ୱ ନିରୀକ୍ଷକଙ୍କୁ ହସ୍ତାନ୍ତର କରିଛନ୍ତି।


IDBI BANK
ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖା, ବଡଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା, ଫୋନ୍ ନଂ.: ୦୬୭୫୨-୨୨୮୩୬୦/୩୭୦/୩୮୦, CIN: L65190MH2004GOI148838

ପରିଶିଷ୍ଟ-୪ [ରୁଲ୍୮(୧)]
ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟ ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନ ଦର୍ଶିତ ୧୧.୦୧.୨୦୧୯ରେ ଦଖଲ କରିଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ, ପୁରୀ ଶାଖା ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ବକେୟା ପରିମାଣ | ଡିମାଣ୍ଡ /ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
| --- | --- | --- | --- |
| ଋଣଗ୍ରହୀତା: ଶ୍ରୀ ସୌମ୍ୟ ରଞ୍ଜନ ଦାଶ, ଦତ୍ତ ତୋଟା, ପ୍ରଭାତ ଲେନ୍, କୁମ୍ଭାରପଡା, ପୁରୀ-୭୫୨୦୦୨, ଓଡ଼ିଶା / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶିବ ପ୍ରସାଦ ମିଶ୍ର, ମାର୍ଫତ: ବାଞ୍ଛାନିଧି ମିଶ୍ର, ନରଣପୁର, ବ୍ରହ୍ମଗିରି, ପୁରୀ-୭୫୨୦୧୧, ଓଡ଼ିଶା, ୨) ଶ୍ରୀ ରାସରଞ୍ଜନ ଦାଶ, ଦତ୍ତ ତୋଟା, ପ୍ରଭାତ ଲେନ୍, କୁମ୍ଭାରପଡା, ପୁରୀ-୭୫୨୦୦୨, ଓଡ଼ିଶା | ୦୧.୦୭.୨୦୧୮ ସୁଦ୍ଧା ଟ.୫୩,୨୦,୩୩୪/- + ପ୍ରଯୁଜ୍ୟ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ୦୮.୦୭.୨୦୧୮ / ୧୧.୦୧.୨୦୧୯ | ଶ୍ରୀ ଶିବ ପ୍ରସାଦ ମିଶ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୦/୧୪୯, ଖାତା ନଂ.: ୪୦/୨୧, କ୍ଷେତ୍ର: ଏକର ୦.୦୬୩ ଡିସିମିଲି, ମୌଜା: ନରଣପୁର, ଥାନା ନଂ.: ୧୬୬, କିସମ: ଘରବାରୀ ସହିତ ସ୍ଥିତିବାନ୍ ପ୍ରକାର, ଅନୁରୂପ ସାବିକ ଖାତା ନଂ.: ୮, ପ୍ଲଟ୍ ନଂ.: ୨୦, କ୍ଷେତ୍ର: ଏକର୦.୧୯ଡିସିମିଲି, ଥାନା/ତହସିଲ: ବ୍ରହ୍ମଗିରି, ରେଜିଷ୍ଟ୍ରେସନ୍ ସବ-ଡିଷ୍ଟ୍ରିକ୍ଟ: ପୁରୀ ଏବଂ ଜିଲ୍ଲା: ପୁରୀ, ଏହାର ଚଉପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୯, ଦକ୍ଷିଣ: ରାସ୍ତା, ପୂର୍ବ: ଲୋକନାଥ ଦାଶ, ପଶ୍ଚିମ: ପ୍ଲଟ୍ ନଂ.: ୧୮ ସହିତ ସେଠାରେ ଥିବା ସମସ୍ତ ଗୃହ ଏବଂ ନିର୍ମାଣ ଏବଂ ଉକ୍ତ ସ୍ଥାନ ସହିତ ସଂଲଗ୍ନ ହୋଇଥିବା ସମସ୍ତ କାରଖାନା ଓ କଳକବ୍ଜା କିମ୍ବା ସ୍ଥାନ ସହିତ ସ୍ଥାୟୀ ଭାବରେ ଖୋଲା ପଡିଥିବା ଭୂ-ସଂଲଗ୍ନ ଯେକୌଣସି ଦ୍ରବ୍ୟ । |

ସ୍ଥାନ: ପୁରୀ, ତାରିଖ: ୧୬.୦୧.୨୦୧୯ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ


## ■ ପିଆଇବିର ଗ୍ରାମାଞ୍ଚଳ ଗଣମାଧ୍ୟମ କର୍ମଶାଳା

# ବିଶ୍ୱାସଯୋଗ୍ୟ ଖବର ପରିବେଷଣ ଉପରେ ଗୁରୁତ୍ୱ

ନବରଙ୍ଗପୁର,୧୬।୧(ବି.ପ୍ର)–

ନବରଙ୍ଗପୁର ଜିଲା ମିଶନ ଶକ୍ତି ହଲଠାରେ କେନ୍ଦ୍ର ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ ପକ୍ଷରୁ ଗ୍ରାମାଞ୍ଚଳ ଗଣମାଧ୍ୟମ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲାପାଳ ଅଜିତ କୁମାର ମିଶ୍ର ଯୋଗଦେଇ ବାସ୍ତବିକ ଓ ବିଶ୍ୱାସ ଯୋଗ୍ୟ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେଇଥିଲେ । ବର୍ତ୍ତମାନ ୫ଟି ସ୍ତରରେ ବିକାଶର ଆବଶ୍ୟକତା ରହିଛି । ଗ୍ରାମପଞ୍ଚାୟତ, ବ୍ଲକ, ଜିଲା , ରାଜ୍ୟ ଓ ଦେଶର ବିକାଶ କ୍ଷେତ୍ରରେ ସମନ୍ୱୟର ଆବଶ୍ୟକତା ରହିଛି । ଜିଲାରେ ୪୬ ପ୍ରତିଶତ ସାକ୍ଷରତା ରହିଥିବା କାରଣରୁ ଏହା ବିକାଶ କ୍ଷେତ୍ରରେ ବାଧକ ସୃଷ୍ଟି କରୁଥିବା କହିଥିଲେ । ରାଜ୍ୟ ଓ କେନ୍ଦ୍ର ସରକାର ଯେଉଁ ସବୁ ଯୋଜନା କରୁଛନ୍ତି ସବୁକିଛି ଜନସାଧାରଣଙ୍କ ଆର୍ଥିକ, ସାମାଜିକ ବିକାଶ ପାଇଁ । ତାହା କିଭଳି ତୃଣମୂଳ ସ୍ତରରେ ପହଞ୍ଚି କାର୍ଯ୍ୟକାରି ହୋଇପାରିବ ସେଥପ୍ରତି ଗୁରୁତ୍ୱ ଦେଇଥିଲେ । ଜିଲାର ବିକାଶ ପାଇଁ ଗଣମାଧ୍ୟମର ସହଯୋଗ କାମନା କହିଥିଲେ । ସମ୍ମାନିତ ଅତିଥି ଭାବେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ତଥା ଅତିରିକ୍ତ ପ୍ରେସ ରେଜିଷ୍ଟ୍ରାର (ଓଡିଶା ରିଜନ) ଶୈଳେଶ କୁମାର ମାଳବ୍ୟ ଯୋଗଦେଇ କହିଥିଲେ ଯେ, ଦେଶର ବିକାଶରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ବର୍ତ୍ତମାନ ସୋସିଆଲ ମିଡିଆର ବ୍ୟାପକ ପ୍ରଚାର ଚାଲିଥିବା ବେଳେ ମିଥ୍ୟା ଭାଇରାଲ ଖବରଗୁଡିକ ଗଣମାଧ୍ୟମ ପ୍ରତି ବିପଦ ସୃଷ୍ଟି



କର୍ମଶାଳାରେ ଉପସ୍ଥିତ ଅତିଥି ଓ ଖବରଦାତାମାନେ।

କରିଛି । ଯାହାକି ଗଣମାଧ୍ୟମ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ଦେଶର ବିକାଶ ପାଇଁ ବାସ୍ତବିକ ଓ ବିଶ୍ୱାସ ଯୋଗ୍ୟ ଖବର ପରିବେଷଣ ଉପରେ ଗୁରୁତ୍ୱ ଦେଇଥିଲେ । ଭାରତ ସରକାରଙ୍କ ପକ୍ଷରୁ ବହୁ ବିକାଶ ଯୋଜନା କାର୍ଯ୍ୟକାରୀ କରାଯାଉଥିବାବେଳେ ଏହା ତୃଣମୂଳ ସ୍ତରରେ କିଭଳି ପହଞ୍ଚିବ ଓ ସାଧାରଣ ଲୋକ ଉପକୃତ ହେବେ ସେଥିପ୍ରତି ଗଣମାଧ୍ୟମ ପଦକ୍ଷେପ ନେବା ଜରୁରୀ । ବାର୍ତ୍ତାଳପର ନୋଡାଲ ଅଧିକାରୀ ତଥା ଭୁବନେଶ୍ୱର ପିଆଇବି ମିଡିଆ ଓ କମ୍ୟୁନିକେସନ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ଅଧକ୍ଷତା କରି କର୍ମଶାଳାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଲୋକଙ୍କ ସମସ୍ୟା କେନ୍ଦ୍ର ସରକାରଙ୍କ ପର୍ଯ୍ୟନ୍ତ କିଭଳି ଗଣମାଧ୍ୟମ ଦ୍ୱାରା ପହଞ୍ଚିପାରିବ ସେନେଇ ଆଲୋକପାତ କରିଥିଲେ । ସାମଗ୍ରୀକ ବିକାଶ ଓ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଗଣମାଧ୍ୟମର ଗୁରୁ ଦାୟିତ୍ୱ ରହିଛି । ସାଧାରଣ ଲୋକଙ୍କ ନିକଟରେ ସୂଚନା ନ ପହଞ୍ଚିବା ଯାଏ ସମଗ୍ର ଦେଶର ବିକାଶ ଅସମ୍ଭବ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଜୟପୁର ଆକାଶବାଣୀ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ଯୁଗଳ କିଶୋର ପଣ୍ଡା ଯୋଗ ଦେଇ କହିଥିଲେ ଯେ ଗଣମାଧ୍ୟମ ଓ ସରକାର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ସରକାରଙ୍କ ଯୋଜନା ଗଣମାଧ୍ୟମ ଦ୍ୱାରା ଲୋକଙ୍କ ନିକଟରେ ପହଞ୍ଚାଇବା ସହ ଲୋକଙ୍କ ସମସ୍ୟା ମଧ୍ୟ ଲୋକ ଲୋଚନକୁ ଆଣିବାକୁ ହେବ । ଅନ୍ୟତମ ଅତିଥି ବରିଷ୍ଠ ଖବରଦାତା ବାଙ୍କ ବିହାରି ବିଷୋୟୀ ଯୋଗ ଦେଇ ସମସ୍ତ ଯୋଜନା ରାଜନୀତିରୁ ଊର୍ଦ୍ଧ୍ୱରେ ରହି କାର୍ଯ୍ୟ ହେଲେ ବିକାଶ ସମ୍ଭବ ହୋଇ ପାରିବ ବୋଲି କହିଥିଲେ । ଏଥିରେ ଡିଆରଡିଏର ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ ସ୍ୱଚ୍ଛ ଭାରତ ଅଭିଯାନ ସମ୍ପର୍କରେ ଦେଶ ଓ ଜିଲା କିଭଳି ଆଗେଇଛି ଓ ଏହା ସୁଫଳ ଜନସାଧାରଣ କିଭଳି ପାଇଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ । ଜିଲାରେ ଏମଜିଏନଆରଇଜିଏସ ଯୋଜନାରେ ନବରଙ୍ଗପୁର ଜିଲା ୪ ନମ୍ବରରେ ରହିଥିବା ବେଳେ ଏବେ ୨୮ ନମ୍ବରକୁ ଖସିଯିବା ନେଇ ଗଣମାଧ୍ୟମ ପ୍ରତିନିଧି ମାନେ ଉଦବେଗ ପ୍ରକାଶ ପାଇଥିଲେ । ସ୍ୱଚ୍ଛଭାରତରେ ପାଇଖାନା ଯୋଜନା ବିଫଳତା ନେଇ ପ୍ରଶ୍ନ କରିଥିଲେ । ଲିଡ ବ୍ୟାଙ୍କ ମ୍ୟାନେଜର ସିଦ୍ଧାର୍ଥ ସାମଲ ଜନଧନ ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ମୁଦ୍ରା ଯୋଜନା ଉପରେ ଆଲୋଚନା କରିଥିଲେ । ଜିଲା ନୋଡାଲ ଅଧିକାରୀ କଳ୍ପତରୁ ପଲାଇ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ସମ୍ପର୍କରେ ଖବରଦାତାଙ୍କୁ ବୁଝାଇଥିଲେ। ଜିଲା କୃଷି ଅଧିକାରୀ ଆନନ୍ଦ ରାଓ ଭାରତ ସରକାରଙ୍କ କୃଷକ କଲ୍ୟାଣ ଯୋଜନା ସମ୍ପର୍କରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ । ଏଥିରେ ଜିଲାସ୍ତରୀୟ ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ ।


SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୪, ଯାଜପୁର ରୋଡ୍, ଯାଜପୁର, ଫୋନ୍: ୯୪୩୭୧୩୦୧୦୬ / ୯୪୩୭୪୮୯୯୪୭

ଗାଡି ଇ-ନିଲାମ ବିକ୍ରୟ

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୪, ଯାଜପୁର ରୋଡ୍, ଯାଜପୁର ଅନ୍ତର୍ଗତ ଶାଖାମାନଙ୍କ ଦ୍ୱାରା ଜବତ ହୋଇଥିବା ନିମ୍ନଲିଖିତ ଗାଡିଗୁଡିକର ଇ-ନିଲାମ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ" ତା.୨୫.୦୧.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ M/s E-procurement Technologies Ltd., ଅହମ୍ମଦାବାଦ ଦ୍ୱାରା ସମ୍ପନ୍ନ ହେବ। ଇ-ନିଲାମର ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ୱେବସାଇଟ୍ https://sbi.auctiontiger.net ଦେଖନ୍ତୁ।

| କ୍ର. ନଂ. | ପଞ୍ଜିକୃତ ମାଲିକ | ପଞ୍ଜିକୃତ ନଂ. | ମଡେଲ / ନିର୍ମାଣ | ସଂରକ୍ଷିତ ମୂଲ୍ୟ | ଅମାନତ ରାଶି |
| --- | --- | --- | --- | --- | --- |
| ୧. | ଜିତେନ୍ଦ୍ର ଆଏଚ | OR02BH3679 | Tata Indigo ECS/LX III | ଟ.୬୮,୦୦୦/- | ଟ.୬,୮୦୦/- |
| ୨. | ବିଶେଶ୍ୱର ସାହୁ | OD02B0266 | Ford Figo 1.4 TCDI Titanium | ଟ.୧,୨୦,୦୦୦/- | ଟ.୧୨,୦୦୦/- |
| ୩. | ଚିତ୍ତରଞ୍ଜନ ସାମନ୍ତରାୟ | OR04Q0394 OR04Q0395 | Tafe Messey Forguson Tractor with Trailor | ଟ.୧,୨୮,୦୦୦/- | ଟ.୧୨,୮୦୦/- |
| ୪. | ଲକ୍ଷ୍ମୀକାନ୍ତ ଶତପଥି | OR04F8831 | Hundai Santro Zing | ଟ.୨୬,୦୦୦/- | ଟ.୨,୬୦୦/- |
| ୫. | ମଦନ ମୋହନ ସାହୁ | OR22F1426 | Mahindra & Mahindra Tractor | ଟ.୧,୦୦,୦୦୦/- | ଟ.୧୦,୦୦୦/- |
| ୬. | ମାନସ କୁମାର ମହାପାତ୍ର | OR02BU9952 | Tata Indica V2 LS | ଟ.୫୦,୦୦୦/- | ଟ.୫,୦୦୦/- |
| ୭. | ପର୍ଶୁରାମ ସେଠୀ | OD04H7972 | Three Wheeler Passenger Auto Rickshaw | ଟ.୬୦,୦୦୦/- | ଟ.୬,୦୦୦/- |
| ୮. | ଶ୍ରୀକାନ୍ତ ପାଉଲ | OR04K7762 | Sonalika Tractor DI 740 | ଟ.୩୨,୦୦୦/- | ଟ.୩,୨୦୦/- |
| ୯. | ଶ୍ରୀମତୀ ଲକ୍ଷ୍ମୀପ୍ରିୟା ତରାଇ | OD33L6332 | Mahindra KUV 100K8 Petrol | ଟ.୩,୭୫,୦୦୦/- | ଟ.୩୭,୫୦୦/- |

ଠିକଣା ସହିତ ପାର୍କିଂ ସ୍ଥାନ (କ୍ର.ନଂ. ୧ ରୁ ୮ ନିମନ୍ତେ) : ସା: ଲକ୍ଷ୍ମୀନାରାୟଣପୁର, ପୋ: କୋଦଣ୍ଡପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୯, ଯୋଗାଯୋଗ : ଶ୍ରୀମତୀ ତୃପ୍ତିରାଣୀ ପତି, ମୋବାଇଲ ନଂ.: ୭୮୭୩୨୪୩୪୨୦/୯୭୭୬୯୧୯୫୪୪
ଠିକଣା ସହିତ ପାର୍କିଂ ସ୍ଥାନ (କ୍ର.ନଂ. ୯ ନିମନ୍ତେ) : ପ୍ରିୟଦର୍ଶିନୀ ଷ୍ଟକ୍ ୟାର୍ଡ, ସା: କେନ୍ଦ୍ରାପଡା ଛତା, ଜିଲ୍ଲା: କେନ୍ଦ୍ରାପଡା ଯୋଗାଯୋଗ : ସୋମନାଥ ମହାନ୍ତି, ମୋବାଇଲ ନଂ. ୯୦୪୦୦୭୭୭୯୨

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନମତେ:
୧) ଇ-ନିଲାମ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ" ସମ୍ପନ୍ନ ହେବ।
୨) ଇ-ନିଲାମ ପୋର୍ଟାଲ https://sbi.auctiontiger.net ମାଧ୍ୟମରେ ତା.୨୫.୦୧.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୫ ମିନିଟ୍ ସମତ ସହିତ ଅନୁଷ୍ଠିତ ହେବ।
୩) ଆଗ୍ରହୀ ନିଲାମଧାରି ମାନେ ଇ-ନିଲାମର ପ୍ରକ୍ରିୟା, ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ୱେବସାଇଟ୍ https://sbi.auctiontiger.net ଦେଖନ୍ତୁ ଏବଂ ଆବଶ୍ୟକୀୟ କାଗଜ ପତ୍ର ଡାଉନ୍‌ଲୋଡ୍ କରନ୍ତୁ। ଆଗ୍ରହୀ ନିଲାମଧାରୀ ସେବାପ୍ରଦାନକାରୀଙ୍କ ନିମ୍ନଦର୍ଶିତ ଯୋଗାଯୋଗ ନମ୍ବରରେ ସମ୍ପର୍କ କରନ୍ତୁ।
୪) କୌଣସି କାରଣ ବଶତଃ ଇ-ନିଲାମ ପ୍ରକ୍ରିୟାକୁ ବାତିଲ କରିବା ଏବଂ ଅମାନତ ରାଶି ଫେରସ୍ତ (ବିନା ସୁଧରେ) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସ୍ୱତନ୍ତ୍ର କ୍ଷମତାଭୁକ୍ତ ଅଟେ ଏବଂ ବ୍ୟାଙ୍କ ଏ ବିଷୟରେ ନିଲାମଧାରୀଙ୍କ ଠାରୁ କୌଣସି ଦାବୀ କିମ୍ବା ଆପତ୍ତି ଅଭିଯୋଗକୁ ପ୍ରଶ୍ରୟ ଦେବନାହିଁ।
୫) ଉପରଦର୍ଶିତ ସାରଣୀରେ ଦର୍ଶିତ ଅସ୍ଥାବର ସମ୍ପତ୍ତି(ଗାଡି)ର ସବିଶେଷ ବିବରଣୀ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କର ସର୍ବୋତ୍ତମ ସୂଚନା ଆଧାରରେ ପ୍ରଦତ୍ତ। ଏହି ସର୍ବସାଧାରଣ ନୋଟିସ୍‌ରେ କୌଣସି ତ୍ରୁଟି-ବିଚ୍ୟୁତି, ଭୁଲ ବାଖ୍ୟା ନିମନ୍ତେ ବ୍ୟାଙ୍କ / କ୍ଷମତାପ୍ରାପ୍ତ ଅଧିକାରୀ ଦାୟୀ ରହିବେ ନାହିଁ।
୬) ଅମାନତ ରାଶି RTGS/NEFT ମାଧ୍ୟମରେ Account No.: 37608292514, Name of the A/C: SysSusp Br Parking, Name of the Beneficiary: State Bank of India, RBO, Region-IV, Jajpur Road, IFSC Code No.: SBIN0005115 କିମ୍ବା ଡ଼ିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କରୁ "State Bank of India, RBO, Region-IV, Jajpur Road"ଙ୍କ ସପକ୍ଷରେ ଯାଜପୁର ରୋଡ୍ ଠାରେ ଦେୟ ଦର୍ଶାଇ ପୈଠ କରି ତତ୍‌ସହିତ ବନ୍ଦ ଲଫାପାରେ ନିଲାମର ଅଂଶଗ୍ରହଣ ପତ୍ର ସହିତ ତା.୨୪.୦୧.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୪, ଯାଜପୁର ରୋଡ୍, ଯାଜପୁର ଠାରେ ପଇଠ କରିବା ଆବଶ୍ୟକ ଏବଂ ନିଲାମଧାରୀମାନେ ସେମାନଙ୍କ ନାମକୁ ୱେବସାଇଟ୍ https://sbi.auctiontiger.net ରେ ପଞ୍ଜୀକରଣ କରି M/s E-procurement Technologies Ltd., Ahmedabad ଠାରୁ User ID ଏବଂ Password ନିଶୁଳ୍କ ପ୍ରାପ୍ତ ହୁଅନ୍ତୁ ଏବଂ ସେଥିପାଇଁ ଯୋଗାଯୋଗ କରନ୍ତୁ: 07961200595, Toll Free No.: 18001035342, Mobile No. 9937220319, E-mail id: orissa@auctiontiger.net ଅମାନତ ରାଶି ନିମନ୍ତେ ଚେକ୍ ଗ୍ରହଣ କରାଯିବ ନାହିଁ।

ତାରିଖ: ୧୬.୦୧.୨୦୧୯, ସ୍ଥାନ: ଯାଜପୁର ରୋଡ୍ — କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ



### ପୋଙ୍ଗଲ ପାଳିଲା ବୈଶ୍ୟ ସଂଘ

**ଗୁଣପୁର,୧୬।୧(ଡି.ଏନ୍.ଏ.):** ରାୟଗଡା ଜିଲା ଗୁଣପୁରରେ ତେଲୁଗୁ ସମ୍ପ୍ରଦାୟ ଧୁମଧାମରେ ପୋଙ୍ଗଲ ପାଳିଛନ୍ତି। ଏହି ଅବସରରେ କଳିଙ୍ଗ ବୈଶ୍ୟ ସଂଘ ପକ୍ଷରୁ ସ୍ଥାନୀୟ କନ୍ୟକା ପରମେଶ୍ୱରୀ ମନ୍ଦିରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ଆନ୍ଧ୍ରର ପାର୍ବତୀପୁରରୁ ଆସିଥିବା କଳାକାରଙ୍କ ପକ୍ଷରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଶିଶୁ ଉଦ୍ୟାନ ପାଇଁ ଶିଳାନ୍ୟାସ



**ପାରଳାଖେମୁଣ୍ଡି, ୧୬।୧(ସ୍ୱ.ପ୍ର.):** ଗଜପତି ଜିଲା ପାରଳାଖେମୁଣ୍ଡି ସହରର ଦୋଳବନ୍ଧ ପାଖରେ ନୂତନ ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ବୁଧବାର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ କେ.ସୂରିୟା ରାଓ ଯୋଗଦେଇ ଏହି ଶିଳାନ୍ୟାସ କରିଥିଲେ। ଦୋଳବନ୍ଧର ସୌନ୍ଦର୍ଯ୍ୟକରଣ ପାଇଁ ଏଠାରେ ପାର୍କ ବା ଶିଶୁ ଉଦ୍ୟାନ ନିର୍ମାଣ ନିମନ୍ତେ ଅଞ୍ଚଳବାସୀ ଦାବି କରିଆସୁଥିଲେ। ଶେଷରେ ଏହି ଦାବି ପୂରଣ ହୋଇଛି। ଦୋଳବନ୍ଧ ହେଉଛି ସହରର ଏକ ପୁରାତନ ପୋଖରୀ। ଏହାକୁ ଲାଗି ଶିଶୁ ଉଦ୍ୟାନ ନିର୍ମାଣ କରାଗଲେ ସେଠାକାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ଶିଶୁ ଉଦ୍ୟାନ ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ହୋଇଥିବା ବେଳେ ବିଧାୟକ ପାଣ୍ଠିରୁ ଅର୍ଥ ମଞ୍ଜୁର କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଶେଷଦେବ ମିଶ୍ର, ଦୋଳବନ୍ଧ ଉନ୍ନୟନ କମିଟି ସଭାପତି ବିନୋଦ ଚନ୍ଦ୍ର ଜେନା, ଅବସରପ୍ରାପ୍ତ ପ୍ରଶାସକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ଗରୁଡ଼ଧ୍ୱଜ ଚୌଧୁରୀ, ରାଜେନ୍ଦ୍ର ବେହେରା, ସୂର୍ଯ୍ୟନାରାୟଣ ପଟ୍ଟନାୟକଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

### ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ଟ୍ରକ

**ରାୟଗଡା ଅଫିସ, ୧୬।୧:** ରାୟଗଡା ସହର ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ସମ୍ମୁଖରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଏକ ଟ୍ରକ ଧକ୍କା ଦେବାରୁ ଏହା ଭାଙ୍ଗି ଯାଇଛି। ଫଳରେ ଏହି ସ୍ଥାନଟି ଏବେ ଅନ୍ଧାରରେ। ପ୍ରକାଶ ଯେ, ବୁଧବାର ବିଶାଖାପାଟଣାରୁ ରାଇପୁର ଅଭିମୁଖେ ଯାଉଥିବା ଏକ ଟ୍ରକ୍ (ସିଜି-୦୪ଏମ୍ଇ-୭୬୪୭) ଭାରସାମ୍ୟ ହରାଇ ଉକ୍ତ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ବିଦ୍ୟୁତ ଖୁଣ୍ଟଟି ଭାଙ୍ଗିଯାଇଥିଲା। ଏନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ମଙ୍ଗେଲାଲ ଜୈନ ରାୟଗଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକ୍କୁ ଜବତ କରିବା ସହ ଡ୍ରାଇଭର ସୀତାରାମ ସାହୁଙ୍କୁ ଥାନାରେ ଅଟକ ରଖିଛି। ଏନେଇ ମାମଲା ରୁଜୁ କରାଯିବ ବୋଲି ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା କହିଛନ୍ତି।

# ସ୍କୁଲରେ ତାଲା ପକାଇଲେ ଛାତ୍ରୀଛାତ୍ର

**ଶିକ୍ଷକ ଅଭାବ**
- ମାସକରେ ପଡିଲାଣି ୨ଥର ତାଲା
- ସମସ୍ୟା ନ ସୁଧୁରିଲେ ଆନ୍ଦୋଳନ

**ରାମନାଗୁଡା/ଗୁଣପୁର, ୧୬।୧(ଡି.ଏନ୍.ଏ.)**



ଓମଡିଙ୍ଗି ଗ୍ରାମ ପ୍ରାଥମିକ ବିଦ୍ୟାଳୟ ଫାଟକରେ ତାଲା ପକାଇ ପିଲାମାନେ ବାହାରେ ରହିଛନ୍ତି।

ରାୟଗଡା ଜିଲା ରାମନାଗୁଡା ବ୍ଲକ ନିଲାମଗୁଡା ପଞ୍ଚାୟତ ଓମଡିଙ୍ଗି ଗ୍ରାମସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଅଭିଯୋଗକରି ସ୍କୁଲ କମିଟି ସଦସ୍ୟ, ଛାତ୍ରୀଛାତ୍ର ଏବଂ ଅଭିଭାବକମାନେ ବୁଧବାର ତାଲା ପକାଇଛନ୍ତି। ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ କୌଣସି ଛାତୀଛାତ୍ର ସ୍କୁଲକୁ ଯିବେନାହିଁ ବୋଲି କହିଛନ୍ତି।

ପ୍ରକାଶ ଯେ, ୧୯୫୨ମସିହାରେ ସ୍ଥାପିତ ଏହି ବିଦ୍ୟାଳୟରେ ବର୍ତ୍ତମାନ ୨୦୬ଜଣ ଛାତ୍ରୀଛାତ୍ରଙ୍କ ପାଇଁ ଅଛନ୍ତି ୯ଜଣ ଶିକ୍ଷୟିତ୍ରୀ ଶିକ୍ଷକ। ସେମାନଙ୍କ ମଧ୍ୟରୁ ଜଣେ ଶିକ୍ଷୟିତ୍ରୀ ପ୍ରସବକାଳୀନ ଛୁଟି, ଅନ୍ୟଜଣେ ଶିକ୍ଷୟିତ୍ରୀ ସ୍ୱାସ୍ଥ୍ୟଗତ କାରଣରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଛୁଟି, ଜଣେ ପୂର୍ଣ୍ଣକାଳୀନ ସିଆର୍‌ସିସି ଏବଂ ଅନ୍ୟଜଣେ ଶିକ୍ଷକ ତାଲିମରେ ଯାଇଛନ୍ତି। ବଳକା ୫ଜଣ ଶିକ୍ଷକ ୨ଟି ଜାଗାରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ାଉଛନ୍ତି। ଫଳରେ ଘୋର ଅସୁବିଧା ହେଉଛି। ସ୍କୁଲରେ ବିଜ୍ଞାନ ଏବଂ ସଂସ୍କୃତ ଶିକ୍ଷକ ମଧ୍ୟ ନଥିବାରୁ ଏହି ବିଷୟରେ ପଢିବାରେ ସମସ୍ୟା ହେଉଛି। ଦଶମ ପରୀକ୍ଷା କେମିତି ଦେବୁ ଛାତ୍ରୀଛାତ୍ର ପ୍ରଶ୍ନ ଉଠାଇଛନ୍ତି। ଏଣୁ ଏସବୁ ସମସ୍ୟା ସମାଧାନ ନହେଲେ ତାଲା ଖୋଲିବୁ ନାହିଁ ବୋଲି ପିଲାମାନେ କହିଛନ୍ତି। ଏଠାରେ ସ୍ଥାୟୀ ପ୍ରଧାନଶିକ୍ଷକ ନାହାନ୍ତି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଟଙ୍କଧର ଗମାଙ୍ଗ ଏହି ମାସରେ ଅବସର ନେଉଛନ୍ତି । ଏଣୁ ତୁରନ୍ତ ପଦକ୍ଷେପ ନ ନେଲେ ଅବସ୍ଥା ଆହୁରି ଅସମ୍ଭାଳ ହେବ ବୋଲି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗଣପତି ବିଡିକା, ସଭ୍ୟ ଅମର ଶବର, ମଞ୍ଜୁଲା ଶବର, କବିତା ଶବର, ଯୋଗେନ୍ଦ୍ର ଶବର ଏବଂ ଏ.ଭବାନୀ କହିଛନ୍ତି। ବିଭିନ୍ନ ସମୟରେ ଅଭିଯୋଗ କରିଛୁ, କିନ୍ତୁ କୌଣସି ସମାଧାନ ହୋଇନାହିଁ ବୋଲି ସେମାନେ କହିଛନ୍ତି। ଗତ ୧୯ତାରିଖରେ ମଧ୍ୟ ସ୍କୁଲରେ ତାଲା ପକାଇ ଥିଲୁ । ଏଥରକ ମିଶି ୨ଥର ସ୍କୁଲରେ ତାଲା ପକାଇବା ସତ୍ତ୍ୱେ କୌଣସି ସମାଧାନ ହେଉନି ବୋଲି ସ୍କୁଲ କମିଟି କହିଛି। ଛାତ୍ରୀଛାତ୍ରମାନେ ସକାଳ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନ ଖାଇ ବିଦ୍ୟାଳୟ ବାହାରେ ବସିଥିଲେ ମଧ୍ୟ କୌଣସି ବିଭାଗୀୟ କର୍ମକର୍ତ୍ତା ପହଞ୍ଚି ନ ଥିଲେ। କମିଟି ସଭାପତି ଜିଲା ଶିକ୍ଷାଧିକାରୀ, ବ୍ଲକ୍ ଶିକ୍ଷାଧିକାରୀଙ୍କ ସହ ଯୋଗାଯୋଗ କରିଥିଲେ ମଧ୍ୟ କୌଣସି ସହଯୋଗ ମିଳିନାହିଁ ବୋଲି କହିଛନ୍ତି। ତୁରନ୍ତ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ ହେବ ବୋଲି ଅଭିଭାବକ ଓ ସ୍କୁଲ ପରିଚାଳନା କମିଟି କହିଛନ୍ତି।

■ ପାଣି ପଞ୍ଚାୟତ ପକ୍ଷ ପାଳନ

## ଜଳର ସୁପରିଚାଳନା ଉପରେ ଗୁରୁତ୍ୱ

**ପାରଳାଖେମୁଣ୍ଡି, ୧୬।୧(ସ୍ୱ.ପ୍ର.)**

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଉଠାଜଳସେଚନ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ବିଭାଗସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ କେ.ସୂରିୟା ରାଓ ଯୋଗଦେଇ ପାଣି ପଞ୍ଚାୟତ ମାଧ୍ୟମରେ ଲୋକେ ଉପକୃତ ହୋଇପାରୁଛନ୍ତି ବୋଲି କହିଥିଲେ। ଉଠା ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଭାସ୍କର ବେହେରା ଯୋଗଦେଇ ପାଣି ପଞ୍ଚାୟତ ମାଧ୍ୟମରେ ମୁଖ୍ୟତଃ ଜଳର ସୁପରିଚାଳନା କରାଯାଇଥାଏ ଓ କୃଷିକ୍ଷେତ୍ରରେ ଏହାର ସଦ୍‌ବିନିଯୋଗ ଦ୍ୱାରା କୃଷିର ବିକାଶ ହୋଇଥାଏ ବୋଲି କହିଥିଲେ। ସହଭାଗୀ ଜଳସେଚନ ପରିଚାଳନା କାର୍ଯ୍ୟକ୍ରମ କିପରି ସଫଳ ହେବ ସେଥିଲାଗି ସମସ୍ତେ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରାଯାଇଥିଲା। ବୃହତ, ମଧ୍ୟମ, କ୍ଷୁଦ୍ର ଓ ଉଠାଜଳସେଚନ ଇତ୍ୟାଦି ବିଭିନ୍ନ ପ୍ରକଳ୍ପରେ ଗଠିତ ପାଣି ପଞ୍ଚାୟତର ଉନ୍ନତି ପାଇଁ ସଦସ୍ୟା ସଦସ୍ୟମାନେ ନିଷ୍ଠାପର ଉଦ୍ୟମ ଜାରି ରଖିଥିବାରୁ ସାଧୁବାଦ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ନାବାର୍ଡ ଅଧିକାରୀ ଏସ୍.ପାଲ, କ୍ଷୁଦ୍ର ଜଳସେଚନ ନିର୍ବାହୀ ଯନ୍ତ୍ରୀ ବିନୟ କୁମାର ରାଉତ, କୃଷକ ନେତା ସୂର୍ଯ୍ୟନାରାୟଣ ପଟ୍ଟନାୟକଙ୍କ ସମେତ ବିଭିନ୍ନ ପାଣି ପଞ୍ଚାୟତର ସଦସ୍ୟା ସଦସ୍ୟ ଏବଂ ବହୁ ଚାଷୀ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

## ଉଦ୍ଭିଦ ବିଜ୍ଞାନ ପାଠଚକ୍ର

**ରାୟଗଡା ଅଫିସ୍, ୧୬।୧**

ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗରେ ବୁଧବାର ଏକ ପାଠଚକ୍ର ଅନୁଷ୍ଠିତ ହୋଇଛି। ଏଥିରେ ରାୟଗଡା କଲେଜ ଅଧ୍ୟକ୍ଷ ପ୍ରଫେସର ସୂର୍ଯ୍ୟନାରାୟଣ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଡା. ଏମ୍.ଶ୍ୟାମ କୁମାର ମୁଖ୍ୟବକ୍ତା ଭାବେ ଯୋଗଦେଇ ହାଇଟେକ୍ ଏଗ୍ରିକଲ୍‌ଚର ଫର ଇଣ୍ଡିଆନ ଫାର୍ମ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଲିପ୍‌ସା ଏବଂ ନିତ୍ୟେଷା ସଭା ସଂଯୋଜନା କରିଥିଲେ। ବିଭାଗୀୟ ମୁଖ୍ୟ ଡା. ପ୍ରସନ୍ନ କୁମାର ଗନ୍ତାୟତ ପାଠଚକ୍ର ପରିଚାଳନା କରିଥିଲେ। ମୁଖ୍ୟବକ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମିନାର ଇନ୍‌ଚାର୍ଜ ଅଧ୍ୟାପକ ଶିବପ୍ରସାଦ ପିଡିକା, ଅଧ୍ୟାପିକା ପ୍ରିୟଦର୍ଶିନୀ ବଳ, ଅଧ୍ୟାପିକା ଅନୀତା ତ୍ରିପାଠୀ, ବିଜ୍ଞାନାଗାର ସହାୟକ ରାଜେଶ କୁମାର ବେହେରା ଏବଂ ମନ୍ମଥ ରାଓ ଟୋଇକା ସହଯୋଗ କରିଥିଲେ। ଶେଷରେ ସେମିନାର ସହ ସମ୍ପାଦକ ବି.ଭାଗବ ଧନ୍ୟବାଦ ଅର୍ପଣ କରିଥିଲେ।



ପାଠଚକ୍ରରେ ମୁଖ୍ୟବକ୍ତା ଏମ୍.ଶ୍ୟାମ କୁମାରଙ୍କୁ ସମ୍ମାନିତ କରାଯାଉଛି।

## ମା'ମଝିଘରିଆଣୀ ମନ୍ଦିରରୁ ବାହାରିଲା କ୍ରୀଡ଼ା ମଶାଲ



ମା' ମଝିଘରିଆଣୀ ମନ୍ଦିରରୁ ବାହାରିଥିବା କ୍ରୀଡ଼ା ମଶାଲ।

**ରାୟଗଡା ଅଫିସ, ୧୬।୧**

**ଆଜି ରାୟଗଡ଼ା କଲେଜର ବାର୍ଷିକ କ୍ରୀଡ଼ା**

ରାୟଗଡା ସ୍ୱୟଂଶାସିତ ମହାବିଦ୍ୟାଳୟର କ୍ରୀଡା ମଶାଲ ମା' ମଝିଘରିଆଣୀଙ୍କ ମନ୍ଦିରରୁ ବୁଧବାର ସନ୍ଧ୍ୟାରେ ବାହାରିଥିଲା। ପରେ ଏକ ଶୋଭାଯାତ୍ରାରେ ଏହାକୁ ସହର ପରିକ୍ରମା କରାଯାଇ ମହାବିଦ୍ୟାଳୟରେ ସ୍ଥାପନ କରାଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ତ୍ରିପାଠୀଙ୍କ ସମେତ ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କ୍ରୀଡା ସଂସଦ ଉପସଭାପତିଙ୍କଠାରୁ ଅଧ୍ୟକ୍ଷ ମଶାଲ ଗ୍ରହଣ କରି ଅତିଥି କେ.ସାଲଭା ରାଜୁ ଓ ଡି.ଏସ୍ ପିଲ୍ଲାଇଙ୍କୁ ଦେଇଥିଲେ। ପରେ ଅତିଥିଦ୍ୱୟ ଏହାକୁ ମହାବିଦ୍ୟାଳୟ ଖେଳପଡିଆରେ ସ୍ଥାପନ କରିଛନ୍ତି। ଗୁରୁବାର ମହାବିଦ୍ୟାଳୟର ବାର୍ଷିକ କ୍ରୀଡା ଅନୁଷ୍ଠିତ ହେବ।

## କାଳିଆ ଯୋଜନାରେ ନାମ ପଞ୍ଜୀକରଣ କଲେ ୮୮୪୧ ଚାଷୀ

**ରାମନାଗୁଡା, ୧୬।୧(ଡି.ଏନ୍.ଏ.)**

ରାମନାଗୁଡା ବ୍ଲକର ସମସ୍ତ ପଞ୍ଚାୟତରେ କାଳିଆ ଯୋଜନାରେ ମୋଟ ୮୮୪୧ଟି ଦରଖାସ୍ତ ଆସିଛି। ସେଗୁଡିକ ସବୁଜ କାଗଜରେ ଲେଖାଥିବା ବେଳେ ୧୮ଟି ଲାଲ କାଗଜରେ ଲେଖାଥିଛି। ଭାଗଚାଷୀ ବା ନାମମାତ୍ର ଚାଷୀ ୩୪୧୭, କ୍ଷୁଦ୍ର ଚାଷୀ ୯୬୮ ଏବଂ ଭୂମିହୀନ ଚାଷୀ ୪୩୦୪ଜଣ ବୋଲି ଜଣାପଡିଛି। ଏସବୁର ତାଲିକା ବ୍ଲକ୍ ଅଫିସ୍‌ରେ ଅନ୍‌ଲାଇନ୍‌ରେ ଛଡାଯାଇଛି ବୋଲି ବ୍ଲକ କୃଷି ଅଧିକାରୀ ବଣ୍ଟି ହାଲଦାର କହିଛନ୍ତି। ବ୍ଲକ୍ ଅଫିସରେ ବିଡିଓ ସୁଧାକର ରଇତଙ୍କ ଉପସ୍ଥିତିରେ ରାଜସ୍ୱ, କୃଷି, ଉଦ୍ୟାନ ବିଭାଗ ଓ ବ୍ଲକ କର୍ମଚାରୀମାନେ ତାଲିକା ପ୍ରସ୍ତୁତ କରିଥିଲେ।

■ ପୁତ୍ର ହତ୍ୟାକାରୀଙ୍କ ଟେର୍ ପାଉନି ପୋଲିସ

## ନ୍ୟାୟ ପାଇଁ ଆମରଣ ଅନଶନ କରିବେ ମା' ବାପା

**ମୁନିଗୁଡା, ୧୬।୧(ଡି.ଏନ୍.ଏ.)**

ଗୋଟିଏ ବୋଲି ପୁଅକୁ ଅପହରଣ ପରେ ହତ୍ୟା କରାଗଲା। ଏହି ଘଟଣାକୁ ଏହା ମଧ୍ୟରେ ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ସୁଦ୍ଧା ଅପହରଣକାରୀ କି ହତ୍ୟାକରୀଙ୍କ କୌଣସି ସୁରାକ ପାଇପାରୁନି ପୋଲିସ। ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ଫେବୃୟାରୀ ପ୍ରଥମ ସପ୍ତାହରେ ସପତ୍ନୀକ ମୁନିଗୁଡ଼ା ଥାନା ଆଗରେ ଆମରଣ ଅନଶନରେ ବସିବୁ ବୋଲି କହିଛନ୍ତି ସ୍ଥାନୀୟ ଅଞ୍ଚଳର ଶୁଭେନ୍ଦୁ କୁମାର ଦାଶ। ମୁନିଗୁଡା ଥାନା ଆଇଆଇସି, ବିଷମକଟକ ଏସ୍‌ଡିପିଓ, ରାୟଗଡା ଏସ୍‌ପି, ଜିଲାପାଳ, ପୋଲିସ ଡିଜି, ପୋଲିସ ଆଇଜିଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଚିଠି ମାଧ୍ୟମରେ ଅବଗତ କରାଇଛନ୍ତି। ପ୍ରକାଶଯେ, ଶୁଭେନ୍ଦୁଙ୍କ ଏକମାତ୍ର ପୁଅ ଆଦିତ୍ୟ(୧୭) ୨୦୧୭ ଜାନୁୟାରୀ ୫ ତାରିଖ ସନ୍ଧ୍ୟାରୁ ନିଖୋଜ ହୋଇଯାଇଥିଲେ। ଏ ନେଇ ଶୁଭେନ୍ଦୁ ୬ ତାରିଖରେ ମୁନିଗୁଡ଼ା ଥାନାରେ ଏତଲା ଦେବା ସହ ନିଜେ ମଧ୍ୟ ବହୁ ଖୋଜାଖୋଜି କରିଥିଲେ। କିନ୍ତୁ ପୁଅର କୌଣସି ପତ୍ତା ମିଳି ନ ଥିଲା। ଉକ୍ତ ମାସ ୨୪ ତାରିଖରେ ବିଷମକଟକ ବ୍ଲକ ବଡଗଡିଗୁଡା ଗ୍ରାମ ନିକଟ ଏକ ପଥର ଖଣିରୁ ଆଦିତ୍ୟଙ୍କ ମୃତଦେହ ପଡିଥିବା ନେଇ ଜଣେ ଠିକାଦାର ଖବର ଦେଇଥିଲେ। ଏ ନେଇ ୨୫ ତାରିଖରେ ବିଷମକଟକ ଥାନାରେ ଶୁଭେନ୍ଦୁ ଆଦିତ୍ୟଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ କରିଥିଲେ। କିନ୍ତୁ ଏହା ମଧ୍ୟରେ ଏକ ବର୍ଷରୁ ଅଧିକ ସମୟ ବିତି ଯାଇଥିଲେ ସୁଦ୍ଧା ଆଦିତ୍ୟଙ୍କ ହତ୍ୟାକାରୀଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ନ୍ୟାୟ ପାଇଁ ଆମରଣ ଅନଶନ କରିବୁ ବୋଲି ଶୁଭେନ୍ଦୁ କହିଛନ୍ତି।

## ଛାତ୍ରୀଙ୍କୁ ଯୌନ ନିର୍ଯାତନା ଅଭିଯୋଗ, ଶିକ୍ଷକ ଅଟକ

**ଗୁଡାରୀ, ୧୬।୧(ଡି.ଏନ୍.ଏ.)**

ଗୁଡାରୀ ବ୍ଲକ ଅଞ୍ଚଳର ଏକ ସ୍କୁଲର ଜନୈକ ଦ୍ୱିତୀୟ ଶ୍ରେଣୀ ଛାତ୍ରୀଙ୍କୁ ଉକ୍ତ ସ୍କୁଲର ଜଣେ ଶିକ୍ଷକ ଯୌନ ନିର୍ଯାତନା ଦେଇଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡିତାଙ୍କ ବାପା ଗୁଡାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତିକରି ସମ୍ପୃକ୍ତ ଶିକ୍ଷକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରାଯାଉଛି ବୋଲି ଏଏସ୍‌ଆଇ ସନ୍ତୋଷ କୁମାର ସାହୁ କହିଛନ୍ତି। ବିଇଓ ପ୍ରସନ୍ନ କୁମାର ନାୟକ ଏବଂ ଜଣେ ସିଆର୍‌ସିସି ସ୍କୁଲକୁ ଯାଇ ଘଟଣାର ତଦନ୍ତ କରିଛନ୍ତି।

## ବିଜୁ ଯୁବ ବାହିନୀକୁ କ୍ରୀଡ଼ା ସାମଗ୍ରୀ ବଣ୍ଟନ

**ପାରଳାଖେମୁଣ୍ଡି, ୧୬।୧(ସ୍ୱ.ପ୍ର.)**

ଯୁବ ଓ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଗଜପତି ଜିଲା ଗୋଷାଣୀ ବ୍ଲକର ସମସ୍ତ ବିଜୁ ଯୁବ ବାହିନୀକୁ କ୍ରୀଡା ସାମଗ୍ରୀ ଯୋଗାଇ ଦିଆଯାଇଛି । ବୁଧବାର ବ୍ଲକ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସି.ଏଚ୍. ତାରକେଶ୍ୱରୀ ଏବଂ ବିଡିଓ ସଂଗ୍ରାମ ଶେଖର ପଣ୍ଡା ଯୋଗଦେଇ ଯୁବଗୋଷ୍ଠୀମାନଙ୍କ ମଧ୍ୟରେ କ୍ରୀଡ଼ାର ବିକାଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଥିବା କହିଥିଲେ। ଅତିଥି ଦ୍ୱୟ ସମସ୍ତ ୨୧ଟି ବିଜୁ ଯୁବ ବାହିନୀକୁ କ୍ରୀଡା ସାମଗ୍ରୀ ବଣ୍ଟନ କରିଥିଲେ। ପ୍ରତି ପଞ୍ଚାୟତକୁ ୫୦ହଜାର ଟଙ୍କାର କ୍ରୀଡା ସାମଗ୍ରୀ ଯୋଗାଇ ଦିଆଯାଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମକୁ ଜିଲା ବିଜୁ ଯୁବ ବାହିନୀ ସଭାପତି ଚିନୁରାଜ ପାତ୍ର ଏବଂ ସଦସ୍ୟମାନେ ପରିଚାଳନା କରଥିଲେ।



କ୍ରୀଡ଼ା ସାମଗ୍ରୀ ସହ ବିଜୁ ଯୁବ ବାହିନୀର ସଦସ୍ୟମାନେ।

## ସମୟ ସୀମା ଶେଷ: ସରିନାହିଁ ରାସ୍ତା କାମ

**ପାରଳାଖେମୁଣ୍ଡି, ୧୬।୧(ସ୍ୱ.ପ୍ର.)**



ଲାବଣ୍ୟଗଡ –ଦେଉପୁର ରାସ୍ତା।

ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ଗଜପତି ଜିଲା ଗୋଷାଣି ବ୍ଲକର ଲାବଣ୍ୟଗଡ ଗ୍ରାମଠାରୁ ଦେଉପୁର ପର୍ଯ୍ୟନ୍ତ ୨କି.ମି. ୨୫ମିଟର ରାସ୍ତା ନିର୍ମାଣ ଚାଲିଛି। ଧାର୍ଯ୍ୟ ସମୟ ସୀମା ସରିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କାମ ଶେଷ ହୋଇପାରିନାହିଁ। ସୂଚନା ଫଳକରେ ଉଲ୍ଲେଖ ଥିବା ତଥ୍ୟ ଅନୁଯାୟୀ, ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏଥିଲାଗି ୮୦ଲକ୍ଷ ୬୨ହଜାର ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ୨୦୧୮ ଏପ୍ରିଲ ୧୧ରୁ ଉକ୍ତ ରାସ୍ତା କାମ ଆରମ୍ଭ ହୋଇ ଚଳିତମାସ ୧୦ ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ହେବା କଥା। ଇତିମଧ୍ୟରେ ଧାର୍ଯ୍ୟ ସମୟସୀମା ବିତିଗଲାଣି। ମାତ୍ର ଏପର୍ଯ୍ୟନ୍ତ ବହୁ ଅଂଶ ବାକି ରହିଥିବା ଦେଖିବାକୁ ମିଳିଛି। ମନ୍ଥର ଗତିରେ କାର୍ଯ୍ୟ ହେଉଥିବାବେଳେ କୌଣସି ଅଧିକାରୀ କାର୍ଯ୍ୟ ତଦାରଖ ପାଇଁ ଆସୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ କାମର ମାନ ଓ ସ୍ଥାୟିତ୍ୱ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ତୁରନ୍ତ କାର୍ଯ୍ୟ ଶେଷ ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ପଦକ୍ଷେପ ନେବାକୁ ସେମାନେ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ସମ୍ପୃକ୍ତ ଠିକାଦାର ଏସ୍. ପାଲଗୁନ ରାଓଙ୍କୁ ପଚାରିବାରେ ସେ ଆଗାମୀ ମାସେ ଦୁଇମାସ ମଧ୍ୟରେ କାମ ଶେଷ କରିବେ ବୋଲି କହିଛନ୍ତି। ଅନ୍ୟପକ୍ଷରେ ବିଭାଗୀୟ ଯନ୍ତ୍ରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

■ ପ୍ରହସନ ପାଲଟିଛି ମଧୁବାବୁ ପେନସନ ଯୋଜନା

## ଯୋଗ୍ୟ ହିତାଧିକାରୀଙ୍କୁ ମିଳୁନି ଭତ୍ତା

**ରାୟଗଡ଼ (ଗଜପତି), ୧୬।୧(ଡି.ଏନ.ଏ)**



ରାମଚନ୍ଦ୍ର ନାୟକ

୬୦ବର୍ଷ ବୟସରୁ ଉର୍ଦ୍ଧ୍ୱ ରାଜ୍ୟର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଇ ଭତ୍ତା ଦେବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ମାତ୍ର ଗଜପତି ଜିଲା ରାୟଗଡ ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ୬୦ବର୍ଷ ବୟସ ଟପିବା ପରେ ବି ଅନେକ ବୃଦ୍ଧାବୃଦ୍ଧ ଏହି ଯୋଜନାରୁ ବଞ୍ଚିତ ଅଛନ୍ତି। ଏ ନେଇ ସେମାନେ ପ୍ରଶାସନ ଉଦାସୀନତାକୁ ଦାୟୀ କରିଛନ୍ତି। ଏଥିସହ ଉକ୍ତ ଯୋଜନା ପ୍ରହସନ ପାଲଟିଛି ବୋଲି କହି ଅସନ୍ତୋଷ ପ୍ରକାଶ କରିଛନ୍ତି।

ରାୟଗଡ ବ୍ଲକ ନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ସେବକପୁର ଗ୍ରାମର ରାମଚନ୍ଦ୍ର ନାୟକ। ବୟସ ୭୪। ଭତ୍ତା ପାଇଁ ଆବେଦନ କରି ପଞ୍ଚାୟତ କାର୍ଯ୍ୟାଳୟଠୁ ବ୍ଲକ ଅଫିସ ପର୍ଯ୍ୟନ୍ତ ବାରମ୍ବାର ଧାଇଁ ଥକି ପଡ଼ିଲେଣି। ମାତ୍ର ଏପର୍ଯ୍ୟନ୍ତ ତାଙ୍କୁ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ସେହିପରି ଏଙ୍ଗାରସିଂ ପଞ୍ଚାୟତ ବଡସଡା ଗ୍ରାମର ବାସନ୍ତି ନାୟକ (୬୫), ଯମୁନା ଭୂୟାଁ (୬୩) ଓ ନିଳାବତୀ ବେହେରା (୬୪) ପ୍ରମୁଖ ଭତ୍ତା ପାଇପାରିନାହାନ୍ତି। ଗୌରୀ ବେହେରା (୬୪) ବିଧବା ହୋଇଥିବାବେଳେ ଡୋଡୋକା ବେହେରା (୬୫), ପଦ୍ମନାଭ ଭୂୟାଁ (୫୮), ଜାନକୀ ଭୂୟାଁ (୩୦) ଆଦି ଦିବ୍ୟାଙ୍ଗ ହୋଇ ମଧ୍ୟ ମଧୁବାବୁ ପେନସନ ଯୋଜନାରେ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ରାୟଗଡ ଗ୍ରାମର ବିଧବା ମହିଳା ଶଶିରେଖା ସାହୁ ମଧ୍ୟ ଏଭଳି ଅଭିଯୋଗ ଆଣିଛନ୍ତି। କେବଳ ଏମାନେ ନୁହଁନ୍ତି, ବ୍ଲକର ଅନେକ ବୃଦ୍ଧାବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ଉକ୍ତ ଯୋଜନାରେ ସାମିଲ ହୋଇନଥିବା ଜଣାପଡ଼ିଛି। ଏଥିପାଇଁ ଏହି ଯୋଜନା ପ୍ରହସନ ପାଲଟିଥିବା ସେମାନେ କହିଛନ୍ତି। ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉ ନ ଥିବାରୁ ବହୁ ଯୋଗ୍ୟ ହିତାଧିକାରୀ ଉକ୍ତ ଯୋଜନାରୁ ବଞ୍ଚିତ ହେଉଥିବା ସେମାନେ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଏଲ୍‌ଏସିଓ ନମିତାଚାନ୍ଦ ନାୟକଙ୍କୁ ଯୋଗାଯୋଗ କରାଯିବାରେ କହିଛନ୍ତି ଯେ, ଏମାନଙ୍କ ମଧ୍ୟରୁ କେତେଜଣଙ୍କ ଆବେଦନ ଆମ ପାଖରେ ପହଞ୍ଚିଛି। ଆଉ କିଛି ଲୋକଙ୍କ ଆବେଦନ ମିଳିନାହିଁ। ତେବେ ମିଳିଥିବା ଆବେଦନଗୁଡ଼ିକୁ ଆମେ ଜିଲା ପ୍ରଶାସନ ପାଖକୁ ପଠାଇଦେଇଛୁ। ୭୪ବର୍ଷୀୟ ରାମଚନ୍ଦ୍ର ନାୟକଙ୍କୁ ତୁରନ୍ତ ମଧୁବାବୁ ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ସହ ପେନସନ ପ୍ରଦାନ କରାଯିବ।

## ସଂକ୍ଷେପରେ

### ପଲ୍ଲିଶ୍ରୀ ମେଳାରେ ୬ କୋଟିରୁ ଊର୍ଦ୍ଧ୍ୱ ବ୍ୟବସାୟ

ମାଲକାନଗିରି,୧୬ା୧ (ଡି.ଏନ୍.ଏ.): ମାଲକାନଗିରି ଜିଲାର ଗଣପର୍ବ ମାଲ୍ୟବନ୍ତ ମହୋତ୍ସବ ଅବସରରେ ଗତ ୫ ଦିନ ଧରି ଚାଲିଥିବା ପଲ୍ଲିଶ୍ରୀ ମେଳା ମଙ୍ଗଳବାର ଶେଷ ହୋଇଛି । ସରକାରୀ ଏବଂ ବେସରକାରୀ ସଂସ୍ଥାଗୁଡିକ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲିଥିଲେ । ଚଳିତବର୍ଷ ପଲ୍ଲିଶ୍ରୀ ମେଳାରେ ପ୍ରାୟ ୬କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟବସାୟ ହୋଇଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁଣନିଧି ନାୟକଙ୍କ ତଥ୍ୟ ଅନୁଯାୟୀ ଗତ ୧୧ ତାରିଖରେ ପଲ୍ଲିଶ୍ରୀ ମେଳାରେ ୨୬ ଲକ୍ଷ ୩୫ ହଜାର ଟଙ୍କା ବ୍ୟବସାୟ ହୋଇଥିବା ବେଳେ ୧୨ରେ ୫୭ ଲକ୍ଷ ୭୫ ହଜାର ୨ ଶହ, ୧୩ରେ ୬୪ ଲକ୍ଷ ୨୬ହଜାର, ୧୪ରେ ୨୮ଲକ୍ଷ ୪୧ ହଜାର ୫ଶହ, ୧୫ରେ ୩୬ ଲକ୍ଷ ୪୫ହଜାର ଟଙ୍କାର ବ୍ୟବସାୟ ହୋଇଥିଲା। ଏତଦ୍‌ବ୍ୟତୀତ କୃଷିଯନ୍ତ୍ରପାତି ୬ କୋଟି ଟଙ୍କାର ବିକ୍ରି ହୋଇଥିବା ଓରମାସର ସହକାରୀ ନିର୍ଦ୍ଦେଶକ ଉମା ମହେଶ ବୁଧବାର ଗଣମାଧମ ଏବଂ ଲୋକ ସମ୍ପର୍କ ଅଧିକାରୀ ନାୟକଙ୍କୁ ସୂଚନା ଦେଇଛନ୍ତି।

### ଓଟିଇଟି ପରୀକ୍ଷା ବାତିଲ୍, ୯ଶହ ପରୀକ୍ଷାର୍ଥୀ ନିରାଶ

ମାଲକାନଗିରି,୧୬ା୧(ଡି.ଏନ.ଏ.): ବୁଧବାର ରାଜ୍ୟର ବିଭିନ୍ନ ଜିଲାରେ ଓଟିଇଟି ପରୀକ୍ଷା ଥିଲା। ମାଲକାନଗିରି ଜିଲାରେ ମଧ ୩ଟି କେନ୍ଦ୍ର ସଦର ମହକୁମା ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟରେ ୯ଶହ ଯୁବତୀ ଯୁବକ ପରୀକ୍ଷା ଦେଇଥିଲେ । ଏମାନଙ୍କ ମଧ୍ୟରୁ ଅନେକ ଶିକ୍ଷା ସହାୟକ ଓ ଶିକ୍ଷୟିତ୍ରୀ ଥିଲେ। ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ ହୋଇଯିବାରୁ ଶିକ୍ଷା ବିଭାଗ ଏହି ପରୀକ୍ଷା ବାତିଲ୍ କରିଦେଇଥିଲା। ଏହି ଘୋଷଣା ହେବା ପରେ ଦୂର ଦୂରାନ୍ତରରୁ ଆସିଥିବା ପରୀକ୍ଷାର୍ଥୀ ନିରାଶ ହୋଇ ଫେରିଥିଲେ। ବିଭିନ୍ନ ସୋସିଆଲ ମିଡିଆରେ ପ୍ରଶ୍ନପତ୍ର ପ୍ରଘଟ ହେବା ଶିକ୍ଷା ବିଭାଗର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଲେ ଯେ, ମାଲକାନଗିରି ଜିଲାରେ ୩ ଟି କେନ୍ଦ୍ରରେ ହୋଇଥିବା ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହୋଇନାହିଁ । ଅନ୍ୟଆଡେ ପ୍ରଶ୍ନ ପତ୍ର ପ୍ରଘଟ ହୋଇଯିବାରୁ ଶିକ୍ଷା ବିଭାଗ ଏହି ପରୀକ୍ଷା ବାତିଲ୍ କରିଛନ୍ତି। ଫଳରେ ପରୀକ୍ଷାର୍ଥୀମାନେ ନିରାଶ ହୋଇ ଫେରି ଯାଇଛନ୍ତି ।

### ଧାରଣାରୁ ଉଠିଲେ ପୂର୍ବତନ ଉପବାଚସ୍ପତି

ମାଲକାନଗିରି,୧୬ା୧ (ଡି.ଏନ.ଏ.): ସରକାରଙ୍କ ଚାଷୀମାରଣ ନୀତି ଓ ମିଥ୍ୟା ଘୋଷଣା ଯୋଗୁ ମଣ୍ଡିରୁ ଧାନ ଉଠୁନି। ଏହାର ପ୍ରତିବାଦରେ ୨ଦିନ ହେଲା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିବା ପୂର୍ବତନ ଉପବାଚସ୍ପତି ତଥା ଭାଜପା ନେତା ପ୍ରହ୍ଲାଦ ଦୋରା ମଙ୍ଗଳବାର ରାତିରେ ଧାରଣାରୁ ଉଠିଛନ୍ତି। ଜିଲାପାଳଙ୍କ ପ୍ରତିଶ୍ରୁତି ପରେ ସେ ଧାରଣା ପ୍ରତ୍ୟାହାର କରିଥିବା ଜଣାପଡିଛି।

### ବାଲ୍ ଜ୍ୟୋତି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା



କୋରକୋଣ୍ଡା, ୧୬ା୧ (ଡି.ଏନ୍.ଏ.): ବାଲ୍ ଜ୍ୟୋତି କାର୍ଯ୍ୟକ୍ରମରେ କୋରକୋଣ୍ଡା ବ୍ଲକରେ ଥିବା ବିଦ୍ୟାଳୟ ଓ ଅଙ୍ଗନୱାଡି କେନ୍ଦ୍ରରେ ୭୬୯ ଜଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା ହୋଇଯାଇଛି। ଗୁରୁବାର ତଣ୍ଡିକି, ଚାଲାଣଗୁଡା, ମାଟାପାକା, ୬ ତଣ୍ଡାପାଲ୍ଲି, ମାନ୍ଦପାଲି, ବଦଲି ଓ ଗୋରାଖୁଣ୍ଟା ପଞ୍ଚାୟତର ୫୦୬ ଜଣଙ୍କୁ ମାଲକାନଗିରିଠାରେ ଚକ୍ଷୁ ପରୀକ୍ଷା କରାଯିବ। ଏହି ଜିଲା ମୁଖ୍ୟ ଚିକିତ୍ସାଳୟର ଡା. ଜଗନ୍ନାଥ ସାହୁ, ଡା. ଶ୍ରୀନିବାସ ବେହେରା, ସହାୟକ କର୍ମୀ ଚନ୍ଦନ ନାୟକ, ଭି. କୃଷ୍ଣ ଛାତ୍ରୀଛାତ୍ରଙ୍କ ଚକ୍ଷୁ ପରୀକ୍ଷା କରିଥିଲେ। କାର୍ଯ୍ୟକ୍ରମକୁ ପତସ୍ୱିନୀ ସାହୁ ପରିଚାଳନା କରିଥିଲେ। କିଶୋର ଚନ୍ଦ୍ର ମହାନ୍ତି, ସନାତନ ମହାରଣା, ପ୍ରଭାତ ପରିଡା, କୃଷ୍ଣ ଆଚାର୍ଯ୍ୟ, ପୀତବାସ ପ୍ରଧାନ, ଟୁନି ଖରାଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ।

# ସରକାରଙ୍କ ପଲିଥିନ୍ ବର୍ଜନ ଧୂଆଁବାଣ

ମାଲକାନଗିରି,୧୬ା୧(ଡି.ଏନ.ଏ.)

**ମାଲକାନଗିରି**
- ଘୋଷଣାର ମାସକ ପରେ ବଦଳିଯାଇଛି ଚିତ୍ର
- ଡମ୍ପିଂୟାର୍ଡରେ ପୋଡୁଛି ପୌର ପରିଷଦ
- ପରିବେଶବିତ୍‌ମାନେ କଲେ ନିନ୍ଦା



କେନ୍ଦ୍ର ଏବଂ ରାଜ୍ୟ ସରକାର ପରିବେଶ ସୁଧାରିବା ପାଇଁ ବିଭିନ୍ନ ଯୋଜନା କରୁଥିଲେ ମଧ ବାସ୍ତବରେ ଏହା କାଗଜକଲମରେ ସୀମିତ ରହୁଛି। ଗତ ଅକ୍ଟୋବରରେ ରାଜ୍ୟରେ ପଲିଥିନ୍ ବ୍ୟବହାର ଉପରେ ସରକାର ରୋକ୍ ଲଗାଇଥିଲେ। ଜିଲାରେ ସରକାରଙ୍କ ଏହି ଆଦେଶ ମିଳିଲା ପରେ ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ଯୁବ ସଙ୍ଗଠନ, ପୌର ପରିଷଦ, ବ୍ଲକ, ପଞ୍ଚାୟତ ସ୍ତରରେ ପଲିଥିନ ବ୍ୟବହାର ନ କରିବା ନେଇ ସଭା ଓ ଶୋଭାଯାତ୍ରା କରି ସଚେତନତା ସୃଷ୍ଟି କରାଯାଇଥିଲା। ଏହା ପରେ କିଛି ପରିମାଣରେ ପଲିଥିନ୍ ବ୍ୟବହାର କମିଥିଲା। ଏପରି କି ମାଲକାନଗିରି ମାଛ ବଜାରରେ ବେପାରୀମାନେ ପଲିଥିନ ବଦଳରେ ଶାଗୁଆନ୍, ଶିଆଳି ଏବଂ ବଦଲି ପତ୍ରରେ ଗ୍ରାହକଙ୍କୁ ମାଛ ଦେଉଥିଲେ। ପରିବା ଦୋକାନୀମାନେ ବ୍ୟାଗ ନ ଆଣିଲେ ଜରିରେ ପରିବା ଦେବୁନାହିଁ ବୋଲି ମନା କରୁଥିଲେ। ମାତ୍ର ମାସକ ପରେ ଏହାର ଚିତ୍ର ବଦଳିଗଲା। ପ୍ରଶାସନଠାରୁ ଆରମ୍ଭ କରି ସାଧାରଣ ବ୍ୟବସାୟୀ ଓ ବ୍ୟବହାରକାରୀ କଟକଣାକୁ ଭୁଲିଗଲେ । ଏହାର ଉଦାହରଣ ନିକଟରେ ଶେଷ ହୋଇଥିବା ମାଲ୍ୟବନ୍ତ ମହୋତ୍ସବରୁ ସ୍ପଷ୍ଟ ଜଣାପଡିଛି।

ଗତ ୬ରୁ ୧୦ ପର୍ଯ୍ୟନ୍ତ ଜିଲାରେ ବ୍ଲକସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ ସମୟରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜକମାନେ ଉତ୍ସବରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିମାନଙ୍କୁ ଜରି ପାଉଚ୍ ପାଣି ବାଣ୍ଟିଥିଲେ। ଜିଲାସ୍ତରୀୟ ମାଲ୍ୟବନ୍ତ ବେଳେ ଗୁରୁପ୍ରିୟା ସେତୁ ନିକଟରୁ ଜଳ ସଂଗ୍ରହ କରି କଳସ ଶୋଭାଯାତ୍ରାରେ ୧୦ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହୋଇଥିଲେ। ସେଠାରେ ମଧ ୨୦ ହଜାରରୁ ଊର୍ଦ୍ଧ୍ୱ ପଲିଥିନ ପାଣି ପାଉଚ ବିତରଣ କରାଯାଇଥିଲା। ଗତ ୧୧ରୁ ୧୩ ପର୍ଯ୍ୟନ୍ତ ଜିଲାସ୍ତରୀୟ ମହୋତ୍ସବ ଏବଂ ଚାଲିଥିବା ପଲ୍ଲିଶ୍ରୀ ମେଳାରେ ମଧ ଦୈନିକ ଲକ୍ଷାଧିକ ଲୋକଙ୍କ ସମାଗମ ହେଉଛି। ଜିଲା ସଂସ୍କୃତି ବିଭାଗ ଏହି ମହୋତ୍ସବକୁ ସଫଳ କରିବା ପାଇଁ ବିଭିନ୍ନ ବିଭାଗ ଦ୍ୱାରା ୫ ଲକ୍ଷରୁ ଊର୍ଦ୍ଧ୍ୱ ପାଣି ପାଉଚ୍ ଓ ପ୍ଲାଷ୍ଟିକ୍ ପାଣି ବୋତଲ ବିତରଣ କରୁଥିବା ଦେଖିବାକୁ ମିଳିଥିଲା। ଚାରିଆଡେ ପଡିଥିବା ପ୍ଲାଷ୍ଟିକ ବୋତଲ ଓ ପାଣି ପାଉଚ୍ ଜରିକୁ ପ୍ରାୟ ୫୦ରୁ ୬୦ ଗାଡି ଏହାକୁ ପୌର ପରିଷଦ ସଂଗ୍ରହ କରିନେଇ ସହରଠାରୁ ୪ କିଲୋମିଟର ଦୂରରେ ଥିବା ଡମ୍ପିଂ ୟାର୍ଡରେ ପକାଇ ନିଆଁ ଲଗାଇ ପୋଡୁଥିଲା। ଏହା ସମ୍ପୂର୍ଣ୍ଣ ପୋଡୁ ନ ଥିଲା। ଏସବୁ ଦୃଷ୍ଟିରୁ ଦେଖିଲେ ସରକାରଙ୍କ ପ୍ଲାଷ୍ଟିକମୁକ୍ତ ରାଜ୍ୟ ଘୋଷଣା ଏକ ଧୂଆଁ ବାଣରେ ପରିଣତ ହୋଇଛି। ଏହାକୁ ପରିବେଶବିତ୍‌ମାନେ ନିନ୍ଦା କରିବା ସହ ଆଗାମୀ ଦିନରେ ଏହାର ଯେପରି ପୁନରାବୃତ୍ତି ନ ହୁଏ ସେଥିପ୍ରତି ପ୍ରଶାସନ ସମେତ ବ୍ୟବସାୟୀ ଓ ଜନସାଧାରଣ ସଚେତନ ରହିବାକୁ ପରାମର୍ଶ ଦେଇଛନ୍ତି।ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ଏମ୍ ନୀଳକଣ୍ଠ ନାଇଡୁଙ୍କୁ ପଚାରିବାରୁ ସେ କହିଲେ ଯେ ପଲିଥିନ୍ ବର୍ଜନ ନେଇ ଆମେ ମାଲ୍ୟବନ୍ତ ମହୋତ୍ସବରେ ପୋଷ୍ଟର ବ୍ୟାନରମାନ ମାରିଥିଲୁ। ମାତ୍ର ଲୋକେ ଏ ଦିଗରେ ସଚେତନ ହେଉ ନାହାନ୍ତି।

# ଭବିଷ୍ୟତ ପାଇଁ ଜଳ ସଂରକ୍ଷଣ ନ ହେଲେ ତୃତୀୟ ବିଶ୍ୱଯୁଦ୍ଧ ସମ୍ଭାବନା

- କମ୍ ପାଣିରେ ଫସଲ ଉତ୍ପାଦନ ଉପରେ ଗୁରୁତ୍ୱ
- କେନାଲ ପାଣିକୁ ଚାଷରେ ଲଗାଇବା
- ଆର୍ଥିକ ଅଭିବୃଦ୍ଧିକୁ ରୋକିବ

ମାଲକାନଗିରି,୧୬ା୧ (ଡି.ଏନ୍.ଏ.)



ପାଣି ପଞ୍ଚାୟତ ସମାବେଶରେ ଉପସ୍ଥିତ ଚାଷୀମାନେ।

ବର୍ତ୍ତମାନ ସମଗ୍ର ପୃଥିବୀରେ ପାନୀୟ ଜଳ ସଙ୍କଟ ଦେଖାଦେଇଛଇ। ଏହାର ପ୍ରଭାବ କୃଷି କ୍ଷେତ୍ର ଉପରେ ମଧ ପଡିଛି। ଯଦି ଜଳ ସଂରକ୍ଷଣ ଏବଂ ଜଳର ଉପଯୁକ୍ତ ବିନିଯୋଗ କରା ନ ଯାଏ ଭବିଷ୍ୟତରେ ଜଳ ପାଇଁ ତୃତୀୟ ଏକ ବିଶ୍ୱଯୁଦ୍ଧ ହେବାର ସମ୍ଭାବନାକୁ ଏଡାଯାଇ ନ ପାରେ ବୋଲି ବୁଧବାର ପାଣି ପଞ୍ଚାୟତ ମଣ୍ଡଳସ୍ତରୀୟ ବୈଠକରେ ବୈଜ୍ଞାନିକ ଏବଂ ଇଞ୍ଜିନିୟରମାନେ ଚାଷୀଙ୍କୁ ସତର୍କ କରାଇଛନ୍ତି। ସେମାନେ କହିଛନ୍ତି ଯେ, ପାଣିର ସଂରକ୍ଷଣ କରା ନ ଗଲେ କୃଷି ଉତ୍ପାଦନରେ ବାଧା ସୃଷ୍ଟି ହେବ । ଜିଲା, ରାଜ୍ୟ ଏବଂ ଦେଶରେ ଖାଦ୍ୟ ଅଭାବ ଦେବ। ଏହା ମଣିଷର ଆର୍ଥିକ ଅଭିବୃଦ୍ଧିକୁ ରୋକିବ। ଏପରି ବିଭିନ୍ନ କାରଣ ପାଇଁ ତୃତୀୟ ବିଶ୍ୱଯୁଦ୍ଧ ପରି ପରିସ୍ଥିତି ସୃଷ୍ଟି ହେବ। ମାଲକାନଗିରି ସଦର ମହକୁମା ସତୀଗୁଡା ଉପଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସତୀଗୁଡା ମଧ୍ୟମ ଜଳସେଚନ ପ୍ରକଳ୍ପର ୩୬ଟି ପାଣି ପଞ୍ଚାୟତର କର୍ମକର୍ତ୍ତା ଏବଂ ସଭ୍ୟାସଭ୍ୟାଙ୍କୁ ନେଇ ଏହି ବୈଠକ ହୋଇଥିଲା। ଉପଖଣ୍ଡ ଅଧିକାରୀ ଉମାଶଙ୍କର ସାହୁ ଅଧକ୍ଷତା କରିଥିଲେ। ଏଥିରେ ବ୍ରହ୍ମପୁରରୁ ଆସିଥିବା ପ୍ରକଳ୍ପ ନିର୍ଦ୍ଦେଶକ ବିଶେଷଜ୍ଞ ମୁକ୍ତିକାନ୍ତ ମହାପାତ୍ର, ପୋଟେରୁ ଜଳସେଚନ ବିଭାଗର ନିର୍ବାହୀଯନ୍ତ୍ରୀ ସରୋଜ ଗୁପ୍ତା, ଜିଲା କୃଷି ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ, କାଡାର ନିର୍ବାହୀଯନ୍ତ୍ରୀ ସ୍ୱରୂପ ସିଂ ମାଝୀ, ସହକାରୀ ନିର୍ବାହୀଯନ୍ତ୍ରୀ ବାଇଧର ସେଠୀ, କନିଷ୍ଠଯନ୍ତ୍ରୀ ଭଗବାନ ନାୟକ ଉପସ୍ଥିତ ଥିଲେ। ଅତିଥିମାନେ ପାଣି ପଞ୍ଚାୟତର ଭୂମିକା, କେନାଲ ପାଣିକୁ ଉପଯୁକ୍ତ ଭାବେ ଚାଷରେ ଲଗାଇବା, ଅଯଥା ପାଣି ନଷ୍ଟ ନ କରିବା, କମ୍ ପାଣିରେ କେଉଁ କେଉଁ ଫସଲ ଉତ୍ପାଦନ ହେବ ସେ ନେଇ ଜ୍ଞାନ ଆରୋହଣ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ୨ଶହରୁ ଊର୍ଦ୍ଧ୍ୱ ଚାଷୀ ଅଂଶଗ୍ରହଣ କରିଥିଲେ।

### ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ

ଖଇରପୁଟ, ୧୬ା୧(ଡି.ଏନ୍.ଏ.)

ମାଲକାନଗିରି ଜିଲା ଖଇରପୁଟ ବ୍ଲକର ଗୋବିନ୍ଦପାଲୀସ୍ଥିତ ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟର ୫୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ଅଧକ୍ଷ ଚୈତନ୍ୟ ନାଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ବୈଠକରେ ମୁଖ୍ୟ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷା ପଦ୍ମିନୀ ମୁଦୁଲି ଉପସ୍ଥିତ ଥିଲେ। ମୁଖ୍ୟବକ୍ତାଭାବେ ଶ୍ୟାମଘନ ଭୂୟାଁ, ସମ୍ମାନିତ ଅତିଥିଭାବେ ସ୍କୁଲର ପୂର୍ବତନ ଅଧକ୍ଷ ବିଷ୍ଣୁଚରଣ ବେହେରା, ବିଦ୍ୟାଳୟ ପରିଚାଳନା କମିଟି ଉପସଭାପତି ରଘୁରାମ କିଡାପାଡିଆ, ପ୍ରତାପ ରାୟ, ବିଏସ୍ଏଫ୍ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ଏକେ ଦୁବେ ଏବଂ ପଦ୍ମଗିରି ଏସ୍ଏସ୍‌ଡି ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଅଞ୍ଜଳୀ ଦେବୀ ଉପସ୍ଥିତ ଥିଲେ।

### ଇଏମ୍ଆର୍ଏସ୍‌ରେ ବିଜ୍ଞାନ ମେଳା

ଚନ୍ଦ୍ରଗିରି,୧୬ା୧(ଡି.ଏନ୍.ଏ.)

ମୋହନା ବ୍ଲକ ଚନ୍ଦ୍ରଗିରି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ (ଇଏମ୍ଆର୍ଏସ୍)ରେ ବୁଧବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ତ୍ରିଲୋଚନ ଷଡଙ୍ଗୀ ଅଧକ୍ଷତା କରିଥିବାବେଳେ ମୁଖ୍ୟଅତିଥି ଭାବେ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବିଶ୍ୱଜିତ୍ ନାୟକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବିଚାରପତି ଭାବେ ମୋହନା ଏସ୍ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨ଜଣ ଶିକ୍ଷକ ମିତ୍ର ପ୍ରସାଦ ବିଶ୍ୱାଳ ଏବଂ ପ୍ରମୋଦ କୁମାର ସ୍ୱାଇଁ ଯୋଗ ଦେଇଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଏହାକୁ ଦେଖିବାକୁ ନିକଟସ୍ଥ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଆସିଥିଲେ। ଶେଷରେ ପ୍ରଦର୍ଶିତ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ ବିଚାରପତି।

# କାମ କରିବାକୁ ଆନ୍ଧ୍ରଯାଇ ଯୁବକ ନିଖୋଜ

ଗୋବିନ୍ଦପାଲ୍ଲୀ,୧୬ା୧

- ଗୁରୁବାରୀ ଓ ଲଛିମଙ୍କ ମଧ୍ୟରେ ସ୍ଥିର ହୋଇଥିଲା ବାହାଘର
- ତାଙ୍କୁ କାମ କରିବାକୁ ଆନ୍ଧ୍ରକୁ ଡାକିଥିଲେ ଗୁରୁବାରୀ
- ଝଗଡା ହେବାରୁ ବିଦା କରିଦେଲେ



ମାଲକାନଗିରି ଜିଲା ଖଇରପୁଟ ବ୍ଲକର ବଣ୍ଡାଘାଟିର ଅଣ୍ଡ୍ରାହାଲ ପଞ୍ଚାୟତ ସଦର ଗ୍ରାମର ଲଛିମ ଜିଗିଡି ନିଖୋଜ ହୋଇଯାଇଛନ୍ତି। ଏନେଇ ପରିବାର ପକ୍ଷରୁ ମଙ୍ଗଳା ଜିଗିଡି ମୁଦୁଲିପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମଙ୍ଗଳା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ତାଙ୍କ ବଡବାପାଙ୍କ ପୁଅ ଲଛିମ ଦାଦନ ଖଟିବାକୁ ଯାଇ ଆଉ ଘରକୁ ଫେରିନାହାନ୍ତି । ଅଣ୍ଡ୍ରାହାଲ ଗ୍ରାମର ବୁଦା ଜିଗିଡିଙ୍କ ପୁଅ ଲଛିମଙ୍କ ସହ ସେହି ଗ୍ରାମର ଶୁକ୍ରା ଶିସାଙ୍କ ଝିଅ ଗୁରୁବାରୀଙ୍କ ବିବାହ ସ୍ଥିର ହୋଇଥିଲା। ମାତ୍ର ଗୁରୁବାରୀ ଆନ୍ଧ୍ରର ବସୁଧା କମ୍ପାନୀରେ କାମ କରିବାକୁ ଚାଲି ଯାଇଥିଲେ। କିଛିଦିନ ପରେ ଗୁରୁବାରୀ ଲଛିମଙ୍କୁ କାମ କରିବାକୁ ଆନ୍ଧ୍ରକୁ ଡାକିଥିଲେ। ଲଛିମ ଯାଇଥିଲେ। କିଛିଦିନ ପରେ ଉଭୟଙ୍କ ମଧ୍ୟରେ ଝଗଡା ହେବାରୁ ଗୁରୁବାରୀ କମ୍ପାନୀ ସୁପରଭାଇଜର ପୋଲ ରାଜୁଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ରାଜୁ ଲଛିମଙ୍କୁ ତାର ମଜୁରି ଟଙ୍କା ନ ଦେଇ ସେଠାରୁ ବିଦା କରି ଦେଇଥିଲେ। ଲଛିମ ସେଠାରୁ ଘରକୁ ଫେରିବାକୁ କୌଣସି ପ୍ରକାରେ ଜୟପୁର ପର୍ଯ୍ୟନ୍ତ ଚାଲି ଆସିଥିଲେ। ଜୟପୁରରୁ ଅନକାଡେଲି ଅଭିମୁଖେ ଆସୁଥିବାବେଳେ ତାଙ୍କ ପାଖରେ ଟଙ୍କା ନ ଥିବାରୁ ବସ କଣ୍ଡକ୍ଟର ତାଙ୍କୁ ଡଙ୍ଗରଛିଞ୍ଚି ନିକଟରେ ଓହ୍ଲାଇ ଦେଇଥିଲେ। ଏନେଇ ଅଣ୍ଡ୍ରାହାଲ ଗ୍ରାମର କିଛି ଯୁବକ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ।

# ଲୁଚିଯାଉଛି ମାଲକାନଗିରିର ଗୀତ କୁଡିଆଣୀ ଝିଅ

ମାଥିଲି, ୧୬ା୧ (ସ୍ୱ.ପ୍ର)



କବିତା ଖରା

ହଜିଯାଉଛି ପାରମ୍ପରିକ ଗୀତକୁଡିଆ ଓ ଗୀତକୁଡିଆଣିଙ୍କ ପ୍ରତିଭା । ଆଦିବାସୀ ଗାଁରେ ଏକଦା ଲୋକଙ୍କ ପ୍ରିୟପାତ୍ର ହୋଇଥିବା ଗୀତକୁଡିଆଣିଙ୍କ ଛାପ ଧୀରେ ଧୀରେ ମଉଳି ଯିବାକୁ ବସିଛି । ନବରଙ୍ଗପୁର ଜିଲାରୁ ଆରମ୍ଭ ହୋଇଥିବା ଏହି ଗୀତ କୁଡିଆଣି ପରମ୍ପରା ଏକଦା ଅବିଭକ୍ତ କୋରାପୁଟ ଜିଲାରେ ସୁନାମ ଅର୍ଜନ କରିଥିଲା। ନବରଙ୍ଗପୁରର ସ୍ୱର୍ଗତ ବାଲଦେଈ ହରିଜନଙ୍କ ପରେ ଏବେ ଚର୍ଚ୍ଚାକୁ ଆସିଛନ୍ତି ମାଲକାନଗିରିର ଗୀତକୁଡିଆଣି ଝିଅ । ଜିଲାର ଆଦିବାସୀ ଅଧ୍ୟୁଷିତ ମାଥିଲି ବ୍ଲକ ଅନ୍ତର୍ଗତ ବଡାଗୁଡା ଗ୍ରାମର ଝିଅ କବିତା ଖରା । ଜନ୍ମରୁ ଗୀତ ବୋଲିବା ତାଙ୍କର ଗୋଟେ ରୁଚି ପାଲଟିଛି । କଲେଜ ହେଉ କି ସଭା ସମିତିରେ ସବୁ ସ୍ଥାନରେ ତାଙ୍କ ଦେଶିଆ ଗୀତକୁ ମିଳୁଛି ପ୍ରଚୁର ପ୍ରଶଂସା । ମାତ୍ର ଏଭଳି ପ୍ରତିଭାକୁ ଏପର୍ଯ୍ୟନ୍ତ ଲୋକଲୋଚନକୁ ଅଣାଯାଇପାରୁନାହିଁ । ଆଦିବାସୀ ଗାଁର ଏହି ଲୁକ୍କାୟିତ ପ୍ରତିଭା କବିତାଙ୍କ ପାଇଁ ପ୍ରଶାସନିକ ସ୍ତରରେ ଅପହଞ୍ଚ ହୋଇ ରହିଛି । ଅଭାବ ଅନଟନରେ ଦଶମ ପାସ କରି ଗୋବିନ୍ଦପାଲି ବିଜୁ ପଟ୍ଟନାୟକ କଲେଜରେ ସେ ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ । ବାପା ଜଣେ ଚାଷୀ । ଅଧିକ ଅର୍ଥ ପାଠ ପଢାରେ ଖର୍ଚ୍ଚ କରିପାରନ୍ତି ନାହିଁ। ପିଲାଟି ଦିନରୁ ଗୀତ ପ୍ରତି ରଚି ରଖିଥିବାରୁ ତାଙ୍କର ସଙ୍ଗୀତ ମହାବିଦ୍ୟାଳୟରେ ପାଠ ପଢିବାକୁ ପିଲାଟି ଦିନରୁ ସ୍ୱପ୍ନ ଦେଖିଥିଲେ। ମାତ୍ର ଅର୍ଥିକ ସମସ୍ୟା ତାଙ୍କୁ ସ୍ୱପ୍ନକୁ ସଫଳ କରିବାକୁ ଦେଇନାହିଁ। କବିତା ନିଜର ପ୍ରତିଭା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ ସଭାସମିତିରେ ସମ୍ମାନିତ ହୋଇଛନ୍ତି। ଅନ୍ୟପକ୍ଷରେ ହିନ୍ଦୀ ଏବଂ ଓଡିଆ ଗୀତରେ ମଧ ସେ ବେଶ ପାରଙ୍ଗମ । କଲେଜରେ ପାଠ ପଢାରେ ଅର୍ଥ ସମସ୍ୟା ତାଙ୍କୁ ଅସୁବିଧା ଭିତରେ ପକାଇଥିଲା । ତେବେ ତାଙ୍କ ପ୍ରତିଭା ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ଜାଣିବା ପରେ କଲେଜ ତରଫରୁ ତାଙ୍କୁ ପାଠପଢା କ୍ଷେତ୍ରରେ ଆର୍ଥିକ ସହଯୋଗ ଯୋଗାଇ ଦେଇଛନ୍ତି। ଗୋବିନ୍ଦପାଲି ବିଜୁ ପଟ୍ଟନାୟକ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ନବୀନ କୁମାର ନାୟକ କହିଛନ୍ତି ଯେ, କବିତାଙ୍କ ପାଠପଢା ସହ ସଙ୍ଗୀତ, ବକ୍ତୃତା ଆଦିରେ ରଚି ରହିଛି। ତାଙ୍କର ଆର୍ଥିକ ସମସ୍ୟା ପାଇଁ କଲେଜ ପକ୍ଷରୁ ଆର୍ଥିକ ସହଯୋଗ ବ୍ୟବସ୍ଥା କରାଯାଇଛି। ତେବେ ପ୍ରଶାସନିକ କ୍ଷେତରେ ତାଙ୍କୁ ସହଯୋଗ ମିଳିଲେ ହୁଏତ ସେ ଆଦିବାସୀ ଗାଁର ଶ୍ରେଷ୍ଠ ପ୍ରତିଭା ହୋଇପାରନ୍ତେ ବୋଲି ବରିଷ୍ଠ ଅଧ୍ୟାପକ ତ୍ରୈଲୋକ୍ୟନାଥ ସାହୁ କହିଛନ୍ତି । ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଇ, ଓଡ଼ଶ, ପିମ୍ପୁଡ଼ି, ମଶା**
**ଏ ଚାରିଜାତି ଭାଙ୍ଗନ୍ତି ବସା ।**

ଉଇ, ଓଡ଼ଶ, ପିମ୍ପୁଡ଼ି ଓ ମଶା ଭଳି କୀଟପତଙ୍ଗ ସବୁବେଳେ ଭୀତତ୍ରସ୍ତ ଅବସ୍ଥାରେ ରହିଥାନ୍ତି। ଗୋଟିଏ ସ୍ଥାନରୁ ତଡ଼ିଦେଲେ ଅନ୍ୟସ୍ଥାନରେ ବସା ବାନ୍ଧିଥାନ୍ତି। ଏହି ଚାରିଜାତି କେତେବେଳେ କେଉଁ ବସା ଗଢ଼ନ୍ତି ବା ଭାଙ୍ଗନ୍ତି ତା'ର ହିସାବ କେବଳ ତାଙ୍କୁ ହିଁ ଜଣା। ଏମାନଙ୍କ ଦାଉରେ ମଣିଷ ଅସ୍ତବ୍ୟସ୍ତ ହୋଇଯିବା ସହ ସୁଖଶାନ୍ତିରେ ରହି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉଣା ହିଡ଼ ଯେଉଁଠି,**
**ଜଳ ଗଡ଼େ ସେଇଠି ।**

ପାଣିର ଧର୍ମ ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ବହି ଚାଲିବା। ଯେଉଁଠି ଗଡ଼ାଣିଆ ବା ଖାଲିସ୍ଥାନ ରହିଥାଏ ସେହି ଆଡ଼କୁ ପାଣି ସହଜରେ ଗଡ଼ିଆସିଥାଏ। ଅନ୍ୟ ଅର୍ଥରେ ଦୁର୍ବଳତାର ସୁଯୋଗ ନେଇ ଆଧିପତ୍ୟ ବିସ୍ତାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ଖଟିରେ ଖଟିରେ...

### ଲିଷ୍ଟରେ ଅଛନ୍ତି

ନୂଆବର୍ଷ ପରଠାରୁ ରାଜ୍ୟର ରାଜନୈତିକ ପାଣିପାଗ ବଦଳିବାକୁ ଲାଗୁଛି। କେତେବେଳେ ପ୍ରଧାନମନ୍ତ୍ରୀ ଆସୁଛନ୍ତି ତ କେତେବେଳେ ମୁଖ୍ୟମନ୍ତ୍ରୀ କୁଆଡେ ଯାଉଛନ୍ତି। ଆଉ ହାତ ହାଇକମାଣ୍ଡ ବି ପଛରେ ନାହାନ୍ତି। ସିଏ ବି ଦିନ କେଇଟା ପରେ ଓଡ଼ିଶା ଆସିବେ। ସଭାସମିତି ଭଲ ଜମିବା ସହ ଖଟିରେ ଗହଳି ବଢୁଛି। ହାଇପ୍ରୋଫାଇଲ ନେତାଙ୍କ ଗସ୍ତ ଭିତରେ କିନ୍ତୁ ଖଟିରେ ଭିନ୍ନ ଚର୍ଚ୍ଚା। ଭୋଟ୍ ପୂର୍ବରୁ କିଏ କାହା ଖୁଆଡକୁ ଯିବ, ସେନେଇ ଚର୍ଚ୍ଚା ଜୋର ଧରିଛି। ଏହି କଥା ସୋମବାର ଖଟିରେ ଭାରି ଜମିଥିଲା। ଜଣେ ସମ୍ବଲପୁରିଆ ଖଟି ମେମ୍ବର କହିଲେ–ବିଜେପୁର ଉପନିର୍ବାଚନ ପରଠାରୁ ପଶ୍ଚିମ ଓଡ଼ିଶାର ପାପୁଲି କୁବେର ନେତା ଶଙ୍ଖୁଆଙ୍କ ଲିଙ୍କ୍‌ରେ ଅଛନ୍ତି। ସେଥିପାଇଁ ପାପୁଲି ଭୋଟ୍ ଯେପରି ଶଙ୍ଖକୁ ଯିବ, ସେ ବ୍ୟବସ୍ଥା କରିଥିଲେ। ଏଥିସହିତ ଶ୍ରୀକ୍ଷେତ୍ର ପାପୁଲି ନେତାଙ୍କୁ ମୁଖିଆ ପଦରୁ ବାହାର କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ତେଣୁ ତାଙ୍କ ଇସ୍ତଫା ଗୋଟେ ନାଟକ। ଅବଶ୍ୟ ବର୍ତ୍ତମାନର ପାପୁଲି ମୁଖିଆଙ୍କୁ ପଦରେ ଅବସ୍ଥାପିତ କରିବା ପାଇଁ କୁବେର ନେତା ଦିଲ୍ଲୀରେ ଲବି କରିଥିଲେ। ହେଲେ ଶଙ୍ଖ ମାର୍କା କ୍ଷମତା ଲଡୁ ଆଗରେ ସବୁ ତୁଚ୍ଛ। ଏହା ଶୁଣି ଜଣେ ସୁନ୍ଦରଗଡ ଖଟି ମେମ୍ବର କହିଲେ, କେବଳ କୁବେର ନେତା ନୁହନ୍ତି। ଆମ ପ୍ରତିନିଧି ବି ଲିଷ୍ଟରେ ଅଛନ୍ତି। କ୍ଷମତା ପ୍ୟାକେଜ ଭଲ ରହିଲେ କଟକ, କୋରାପୁଟ ବି ଶଙ୍ଖ ଫୁଙ୍କିବେ।

### ଚାଲିକି ଚାଲ

ଆହେ ଛାଡ଼ ହୋ, ମୁଁ ଏଠିକା କାର୍ଯ୍ୟକ୍ରମର ମୁଖ୍ୟ ଲୋକ। କାହିଁ ଆମକୁ ଝଗଡ଼ା କରିବାକୁ ବାଧ କରୁଛ ହୋ। ଜଣେ ଗେରୁଆ ବାବୁଙ୍କ ଏମନ୍ତ କଥା ଶୁଣି ଜଣେ ପୋଲିସିଆ ମ୍ୟାଡାମ୍ ଚେଇଁକି ଉଠି କହିଲେ, କ'ଣ କହିଲ, ଝଗଡା। ଆମକୁ କୁହାଯାଇଛି ଝଗଡା କରି ଅଡୁଆ ବଢାଇବ ନାହିଁ, ସିଧା ଗୋଡେଇ ଗୋଡେଇ ପିଟିବାକୁ। ଚାଲନ୍ତୁ ନିଜ ନିଜର ସୁବିଧାରେ କାମ କରିବା। ପଶ୍ଚିମ ଓଡ଼ିଶା ଆଡ଼େ ଆମ ଭାରତର ମୁଖିଆ ମଙ୍ଗଳବାର ଆସିବାର କାର୍ଯ୍ୟକ୍ରମ ଥାଏ। ଆଉ ଛାମୁଙ୍କୁ ସ୍ୱାଗତ କରିବାକୁ ଗେରୁଆ ଦଳର ବହୁ ମାନ୍ୟବର ବେଶଭୂଷା ହୋଇ ଆସୁଥାଆନ୍ତି। ସେତିକିବେଳେ ଚାଷୀଙ୍କ ମୁଖିଆ ବନିଥିବା ଗେରୁଆ ଦଳର ବାବୁ ନିଜ ଗାଡିରେ ବସି ଆସୁଥାଆନ୍ତି। ହେଲେ ଠିକ୍ ସଭାର ପାଖାପାଖି ପୋଲିସ୍ ତାଙ୍କ ଗାଡିଟିକୁ ରଖି ପକାଇଲା। ଆଉ ଚାଲିଚାଲି ଯିବାକୁ କହିଦେଲା। କଥାଟି ବାବୁଙ୍କ ମନକୁ ଜମାପାଇଲା ନାହିଁ। ହେଲେ ସେଇ ପୋଲିସ୍ ମ୍ୟାଡାମ୍ ଜଣକ କିଛି ନ ଶୁଣନ୍ତି । ନିଜ ବାବୁଙ୍କୁ ଏତେ ଅସମ୍ମାନ, ସାଙ୍ଗରେ ଥିବା କର୍ମୀମାନଙ୍କୁ ଜମା ଭଲ ଲାଗିଲା ନାହିଁ। ବାବୁଙ୍କ ସାଙ୍ଗରେ ଥିବା କିଛି ଲୋକ ଗରମ ଦେଖାଇବାକୁ ବାହାରି ଆସିଲେ। ହେଲେ ବାବୁ ଆଉ ସାହସ କଲେନାହିଁ। ଆଉ ତାଙ୍କ ସାଙ୍ଗରେ ଥିବା ଲୋକଙ୍କୁ ଧୀରେକିନା କହିଲେ, ଏଠି ଜମା ରଡିବା ଦରକାର ନାହିଁ। ନ ହେଲେ କଥାଟା ଚାରିଆଡେ ବାଜିବ, ତୁମ ବାବୁଙ୍କୁ ପୋଲିସ୍ ଛାଡୁନି। ସେଥିପାଇଁ କହୁଛି ନିଜ ଗୋଡକୁ କୁରାଢି ନ ମାରି ଚାଲିକି ଚାଲ। ହେଲେ କଥାଟି ନ ଲୁଚି ସିଧା ବଲାଙ୍ଗୀର ଜିଲାପାଳ ଅଫିସ ଆଗ ଚା ଖଟିରେ ମୁଖ୍ୟ ବିଷୟ ପାଲଟିଥିଲା। ଘଟଣାର ମୂକସାକ୍ଷୀ ଥିବା ୨ ଯୁବକ ଶୁଣାଇ ଚାଲିଥିଲେ ପୂରା କଥା।

# ଧରିତ୍ରୀ ପ୍ରଭାବ: ଗ୍ରାମରେ ଖୋଳା ହେଲା ନଳକୂପ

କୋରକୋଣ୍ଡା, ୧୬ା୧ (ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରକୋଣ୍ଡାର ୧୨ଟି ପରିବାର ପ୍ରଶାସନ ପକ୍ଷରୁ ଅବହେଳାର ଶିକାର ହୋଇ ଚାଲିଥିଲେ। ସେମାନଙ୍କ ପରିବାରକୁ ବିଦ୍ୟୁତ୍ ଯୋଗାଣ ହେଉ ନ ଥିଲା କିମ୍ବା ସେମାନେ ବ୍ୟବହାର ପାଇଁ ନଳକୂପଟିଏ ନ ଥିଲା। ଲୋକେ ନିକଟସ୍ଥ ନଦୀରେ ଚୁଆ ଖୋଳି ଚୁଆ ପାଣି ବ୍ୟବହାର କରୁଥିଲେ। ଏ ସଂକ୍ରାନ୍ତରେ ଗତ ୧୨ା୧ା୨୦୧୯ରିଖ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ତତ୍ପର ହୋଇ ଉଠିଛି। କୋରକୋଣ୍ଡା ବିଡ଼ିଓ ସି.ପି. ସିପକ୍ କୁମାର ପାତ୍ର ସମ୍ପୃକ୍ତ ପରିବାର ଲୋକଙ୍କୁ ଭେଟି ସେମାନଙ୍କ ସୁବିଧା ଅସୁବିଧା ପଚାରି ବୁଝିଛନ୍ତି। ସମସ୍ତ ସମସ୍ୟାର ସମାଧାନ ଲାଗି ପ୍ରତିଶ୍ରୁତି ଦେଇଥିଲେ। ସେହି ଅନୁସାରେ ବୁଧବାର ଏକ ନଳକୂପ ଖୋଳା ଆରମ୍ଭ ହୋଇଛି ବୋଲି ସମ୍ପୃକ୍ତ ପରିବାରର ଦୈତାରୀ ଖରା, ସଦାଶିବ ପ୍ରଧାନ, ନକୁଳ ପ୍ରଧାନଙ୍କ ସମେତ ଅନ୍ୟମାନେ କହିଛନ୍ତି। ଆମ ପରିବାରକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଲାଗି ସେମାନେ ଦାବି କରିଛନ୍ତି।

## ସେଲ୍‌ଫି କର୍ଣ୍ଣର



@ କେଶବ



@ ଭିକି

ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ | rgdselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଗୁରୁବାର, ଜାନୁୟାରୀ ୧୭/୨୦୧୯ | Rayagada, Thursday, January 17/ 2019


## ସଂକ୍ଷେପରେ

### ଓଟିଇଟି ପରୀକ୍ଷା ବାତିଲ, ପରୀକ୍ଷାର୍ଥୀ ନିରାଶ

କୋରାପୁଟ/ଜୟପୁର,୧୬।୧(ସ୍ୱ.ପ୍ର.) ଓଟିଇଟି ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ହେବା ପରେ ରାଜ୍ୟ ସରକାର ଏହାକୁ ବାତିଲ କରିଛନ୍ତି। ଫଳରେ କୋରାପୁଟ ଜିଲାର ୧୭୯୯ ପରୀକ୍ଷାର୍ଥୀ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଓଟିଇଟି ପରୀକ୍ଷା ପାଇଁ ଜିଲାର ୧୭୯୯ ଜଣ ଛାତ୍ରୀଛାତ୍ର ଆବେଦନ କରିଥିବା ବେଳେ ଏଥିପାଇଁ ବୁଧବାର ଜିଲାର କୋରାପୁଟରେ ୩ଟି କେନ୍ଦ୍ର ଓ ଜୟପୁରରେ ୩ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। କୋରାପୁଟ ଜିଲାରେ ପରୀକ୍ଷାର୍ଥୀଙ୍କ ସଂଖ୍ୟା ଅଧିକ ଥିବାରୁ ଦୁଇଟି ସିଫ୍ଟରେ ପରୀକ୍ଷା ଚାଲିଥିଲା। ସେହିପରି ଜୟପୁରରେ ୩ଟି କେନ୍ଦ୍ରରେ ଓଟିଇଟି ପରୀକ୍ଷା ପାଇଁ କୋରାପୁଟ, ନବରଙ୍ଗପୁର ଓ ମାଲକାନଗିରି ଜିଲା ସମେତ ଅନ୍ୟ ଜିଲାରୁ ଏକ ହଜାରୁ ଊର୍ଦ୍ଧ୍ୱ ପରୀକ୍ଷାର୍ଥୀ ଆସିଥିଲେ। କିନ୍ତୁ ପ୍ରଶ୍ନପତ୍ର ଲିକ୍ ହୋଇଯାଇଥିବା ନେଇ ଦ୍ୱିତୀୟ ସିଟିଂରେ ପରୀକ୍ଷା ବାତିଲ କରାଯିବାକୁ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟମାନଙ୍କୁ ଶିକ୍ଷା ବିଭାଗ ନିର୍ଦ୍ଦେଶ ଦେଇଥିଲା। ପ୍ରଥମ ସିଟିଂ ପରୀକ୍ଷା ହୋଇଥିଲେ ମଧ ତାହାକୁ ମଧ ବାତିଲ କରାଯାଇଛି। ପ୍ରକାଶ ଯେ, ଜୟପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଥମ ସିଟିଂରେ ୩୫୦ ଜଣଙ୍କ ମଧ୍ୟରୁ ୩୩୮, ସରକାରୀ ଉଚ୍ଚ ବିଦ୍ୟାଳୟରେ ୩୭୫ ମଧ୍ୟରୁ ୩୫୪ ଜଣ, ଜେସିଏନ ସରକାରୀ ପୌର ଉଚ୍ଚ ବିଦ୍ୟାଳୟରେ ୧୬୯ ଜଣଙ୍କ ମଧ୍ୟରୁ ୧୬୪ଜଣ ଏବଂ କେବଳ ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟରେ ଦ୍ୱିତୀୟ ସିଟିଂରେ ୩୧୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାର ଥିଲା।

### କାଳିଆ ପାଇଁ ୮୨୭୪ ଚାଷୀଙ୍କ ଆବେଦନ

ଲକ୍ଷ୍ମୀପୁର,୧୬।୧-ଲକ୍ଷ୍ମୀପୁର ବ୍ଲକ୍‌ରେ କାଳିଆ ଯୋଜନାରେ ଚଳିତ ମାସ ୨ରୁ ୧୪ ତାରିଖ ଯାଏ ୮୨୭୪ ଜଣ ଚାଷୀ ଆବେଦନ କରିଛନ୍ତି। ଭିରତଗଡ଼, ଗୌଡ଼ଗୁଡ଼ା, କାକିରିଗୁମ୍ମା, ତୁନପାଇ, ପଞ୍ଚଡ଼ା, କୁସୁମଗୁଡ଼ା ଆଦି ୧୩ ପଞ୍ଚାୟତର ଚାଷୀମାନେ କାଳିଆ ଯୋଜନାରେ ଆବେଦନ କରିଛନ୍ତି। ଗତ ଦିନରେ ୧୧୩୮ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ଏମାନଙ୍କୁ ଜାନୁୟାରୀ ୨୬ରେ ଆର୍ଥିକ ସହାୟତା ମିଳିବ ବୋଲି ବିଡିଓ ବେଣୁଧର ଶବର ସୂଚନା ଦେଇଛନ୍ତି। ସେହିପରି ଯୋଗ୍ୟ ଚାଷୀ ଯେପରି ଏଥିରୁ ବାଦ୍ ନ ପଡ଼ନ୍ତି, ସେଥିପ୍ରତି ଦୃଷ୍ଟି ଦିଆଯାଉଛି ବୋଲି ସହକାରୀ କୃଷି ଅଧିକାରୀ ସୁଦର୍ଶନ ଦେହୁରୀ କହିଛନ୍ତି।

■ ମିଲର୍ସଙ୍କୁ କଡ଼ା ନିର୍ଦ୍ଦେଶ ଦେଲା ପ୍ରଶାସନ

# ୪ ମଣ୍ଡିରୁ ଧାନ କଷ୍ଟମ ମିଲିଂ ଭାବେ ନିଆଯିବ

ଜୟପୁର,୧୬।୧(ଡି.ଏନ୍.ଏ.)

କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ କାମତା ଲ୍ୟାମ୍ପର ପୋଡ଼ାପଦର, କୁମୁଲି, କାମତା, ତରାଭଙ୍ଗା ମଣ୍ଡିରେ ଚାଷୀଙ୍କ ଧାନ କ୍ରୟ ପରେ କଷ୍ଟମ ମିଲିଂ ଭାବେ ନେବେ ମିଲର୍ସ। ଜିଲା ପ୍ରଶାସନ ଏନେଇ କଡ଼ା ନିର୍ଦ୍ଦେଶ ଦେଇଛି। ବୁଧବାର ସ୍ଥାନୀୟ ଉପଜିଲାପାଳ ଲୋକନାଥ ଦଳବେହେରା ନିଜ କାର୍ଯ୍ୟାଳୟରେ ଚାଷୀ ଓ ମିଲ ମାଲିକଙ୍କ ସହ ଆଲୋଚନା କରିଛନ୍ତି । ଏହାପରେ ଚିଠି ମାଧ୍ୟମରେ ମିଲର୍ସଙ୍କୁ ମଣ୍ଡିରୁ କଷ୍ଟମ ମିଲିଂ ପାଇଁ ଧାନ ଉଠାଇବାକୁ ନିର୍ଦ୍ଦେଶ ଦିଆଯାଇଛି। ଲ୍ୟାମ୍ପ ପକ୍ଷରୁ କିଣାଯାଇଥିବା ଧାନ ତୁରନ୍ତ ମଣ୍ଡିରୁ ଉଠାଇବେ ମିଲର୍ସ। ଅନ୍ୟପକ୍ଷରେ ତିତଲି ପ୍ରଭାବରେ ଜିଲାରେ ବର୍ଷା ଯୋଗୁଁ ଧାନ ବେରଙ୍ଗି ହୋଇଯାଇଥିବା ଯୋଗୁଁ ତାହାକୁ ସରକାରୀ ଧାର୍ଯ୍ୟ ଅନୁସାରେ ଚାଉଳ ଉତ୍ପାଦନ ପାଇଁ ନେବାରେ ଆଶଙ୍କା ପ୍ରକାଶ କରିଛନ୍ତି ମିଲର୍ସ। ଉକ୍ତ ଧାନକୁ କଷ୍ଟମ ମିଲିଂ ପାଇଁ ଉଠାଇବାରେ ସମସ୍ୟା ଥିବା ମିଲର୍ସ ପାଲଟା ଅଭିଯୋଗ କରିଛନ୍ତି। କିନ୍ତୁ ଉପଜିଲାପାଳଙ୍କ ଚିଠିରେ କଡ଼ା ନିର୍ଦ୍ଦେଶ ପରେ ମିଲର୍ସଙ୍କ ମଧ୍ୟରେ ଆତଙ୍କ ଖେଳିଛି। ସୂଚନାଯୋଗ୍ୟ, ଉପରୋକ୍ତ ୪ଟି ମଣ୍ଡିରେ ପ୍ରାୟ ୪୮୬୫ କୁଇଣ୍ଟାଲ ଧାନ ରହିଥିବା ବେଳେ ଏହାକୁ ନ ଉଠାଇବା ପର୍ଯ୍ୟନ୍ତ ମଣ୍ଡିରୁ ଅନ୍ୟ ଚାଷୀଙ୍କ ଧାନ ଉଠାଇବାକୁ ସୁଯୋଗ ଦିଆଯିବ ନାହିଁ ବୋଲି ଚାଷୀମାନେ ଜିଦ୍‌ରେ ଅଟଳ ରହିଛନ୍ତି ।

## ଆଖଣ୍ଡଳମଣି ସଂସଦ ବାର୍ଷିକ ଉତ୍ସବ

ସୁନାବେଡ଼ା,୧୬।୧


ଆଖଣ୍ଡଳମଣି ଉତ୍ସବରେ ଯୋଗ ଦେଇଥିବା ଅତିଥି ଓ ମହିଳା ପ୍ରତିଯୋଗୀମାନେ ।

ସୁନାବେଡ଼ା ସ୍ଥିତ ହାଲ୍ ସହରାଞ୍ଚଳରେ ଥିବା ଆଖଣ୍ଡଳମଣି ସଂସଦର ବାର୍ଷିକ ଉତ୍ସବ ସ୍ଥାନୀୟ ଭଞ୍ଜମଣ୍ଡପରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ହାଲ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦେବାଶିଷ ଦେବ (କୋରାପୁଟ ପ୍ରଭାଗ), ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି, ହାଲ୍ ମହାପ୍ରବନ୍ଧକ ଆଶୁତୋଷ ମଲ୍ଲିକ ଯୋଗ ଦେଇଥିଲେ। ସଞ୍ଜୀବନୀ ଏଜୁକେଶନ ନିର୍ଦ୍ଦେଶକ ସଞ୍ଜୀବ ମହାନ୍ତି, ସରସ୍ୱତୀ ରାୟ, ବିଭୁଦତ୍ତ ପତିଙ୍କୁ ଫକୀରମୋହନ ପ୍ରତିଭା ସମ୍ମାନ ଏବଂ ସମୀର ମହାପାତ୍ରଙ୍କୁ ଫକୀରମୋହନ ନାଟ୍ୟ ସମ୍ମାନ ପ୍ରଦାନ କରାଯାଇଛି। ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଗୃହିଣୀ ଓ କୁନି ପିଲାଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ ଓ ଅନ୍ୟ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା। ଆୟୋଜନରେ ସମୀର ମହାପାତ୍ର, ଅଞ୍ଜନ ମଲ୍ଲିକ, ଅମୀୟ ଲେଙ୍କା, ରବି ସ୍ୱାଇଁ, ହରେକୃଷ୍ଣ ନାୟକ, ଜ୍ୟୋତି ଜେନା, ଅନିଲ ମହାନ୍ତି, କମଳକାନ୍ତ ପରିଡ଼ା, ସୁର ମଲ୍ଲିକ, ପୁରେନ୍ଦ୍ର ବାରିକ, ପେଟା ମହାନ୍ତି, ଅରୁଣ ନାୟକ ସହଯୋଗ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ରହୁଥିବା ବାଲେଶ୍ୱର ଓ ଭଦ୍ରକ ଜିଲାର ଲୋକେ ଏଥିରେ ଭାଗ ନେଇଥାନ୍ତି।

## ନିମ୍ନମାନର ରାସ୍ତା ପାଇଁ ଗାଁ ବିଚ୍ଛିନ୍ନ

ନନ୍ଦପୁର,୧୬।୧(ଡି.ଏନ୍.ଏ.)

ନନ୍ଦପୁର ବ୍ଲକ ଥୁବା ପଂଚାୟତ ପରଟା ଗ୍ରାମକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡ଼କ ଗତ ବର୍ଷାରେ ଧୋଇଯିବା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସ୍ୱାଧୀନତା ପରେ ଗତବର୍ଷ ପ୍ରଥମ ଥର ରାସ୍ତା ନିର୍ମାଣ କରି ଏହି ଗ୍ରାମକୁ ସଂଯୋଗ କରାଯାଇଥିଲା। କିନ୍ତୁ କାମ ଅତି ନିମ୍ନମାନର ହୋଇଥିବା ସହ ସୁରକ୍ଷା ପ୍ରାଚୀର ମୂଳଦୁଆ ନ ପକାଇ ତିଆରି କରାଯାଇଥିବା ଯୋଗୁ ତାହା ସମ୍ପୂର୍ଣ୍ଣ ଭାବେ ଓଲଟି ପଡ଼ିଥିଲା। କଲଭର୍ଟରେ ସିମେଣ୍ଟ କଂକ୍ରିଟ ବଦଳରେ ମାଟି ପକାଇ ନିର୍ମାଣ କରାଯାଇଛି। ମାଟି ଧୋଇଯିବା ଯୋଗୁଁ ଗାଡ଼ି ଯିବା ଦ୍ୱାରା କଲଭର୍ଟ ଦବିଯିବା ସହ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହେଉଛି। ଏବେ ରାସ୍ତା ଧୋଇ ସୁରକ୍ଷା ପ୍ରାଚୀର ଭାଙ୍ଗିଯିବା ଓ କଲଭର୍ଟ ଦବିଯିବା ଦ୍ୱାରା ପରଟା ଗାଁକୁ ଯାନବାହନ ଯାତାୟତ ବନ୍ଦ ହୋଇଛି। ସ୍ଥାନୀୟ ବାସିନ୍ଦା ଗ୍ରାମ୍ୟ ଉନ୍ନୟନ ବିଭାଗ ଏବଂ ଲୋକ ପ୍ରତିନିଧିଙ୍କୁ ଗୁହାରି କଲେ ମଧ କୌଣସି ପଦକ୍ଷେପ ନିଆଯାଉ ନଥିବା ଗ୍ରାମର ସମିତି ସଭ୍ୟ ଅର୍ଜୁନ କିର୍ସାନି, ନାଏବ ସରପଞ୍ଚ ଗଙ୍ଗାଧର ଗୋଲରି, ରବି ତାଲିଆ, ମାଧବ ଗୋଲରି, ରାମ ଗୋଲରି, ଲବକୁଶ ଲୋକାଇ ଅଭିଯୋଗ କରିଛନ୍ତି।

■ ସୋସିଆଲ ମିଡିଆରେ ଅନ୍ତରଙ୍ଗ ହୋଇ ଝିଅକୁ ବ୍ଲାକମେଲିଂ

## ମୁମ୍ବାଇରୁ ଅଭିଯୁକ୍ତ ଯୁବକ ଗିରଫ

କୋରାପୁଟ,୧୬।୧(ସ୍ୱ.ପ୍ର.)

ଫେସ୍‌ବୁକ ଓ ହ୍ୱାଟ୍‌ସଆପ୍‌ରେ କୋରାପୁଟର ଜଣେ ଝିଅ ସହ ନିକଟତର ହେବା ପରେ ତାଙ୍କର ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଟଙ୍କା ନେବା ଅଭିଯୋଗରେ ଜଣେ ଓଡ଼ିଆ ଯୁବକ ଗିରଫ ହୋଇଛନ୍ତି। ମୁମ୍ବାଇରୁ ତାଙ୍କୁ ପୋଲିସ ଧରିଥିବା କୋରାପୁଟ ଟାଉନ ଥାନା ଅଧିକାରୀ କ୍ଷୀରେଶ୍ୱର ସାହୁ କହିଛନ୍ତି। ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ପୋଲିସ ଥାନା ଅଠର ବାଟିଆ ଗ୍ରାମର ଅଜୟ ଦାସ (୨୫) ଗତ ଅକ୍ଟୋବରରେ ଫେସବୁକ ଓ ହ୍ୱାଟ୍‌ସଆପ୍ ଜରିଆରେ କୋରାପୁଟର ଜଣେ ଝିଅ ସହ ବନ୍ଧୁତା କରିଥିଲେ। ପରେ ଅଜୟ କୋରାପୁଟ ଆସି ସେହି ଝିଅ ଜଣଙ୍କ ସହ ମିଶିଥିଲେ। ସୁନା ଓ ଟଙ୍କା ଦେଇ ଅଧିକ ନିକଟତର ହେବା ସହ ଝିଅର କିଛି ଫଟୋ ଉଠାଇ ପରେ ତାଙ୍କୁ ବ୍ଲାକମେଲିଂ କରୁଥିବା ଝିଅର ପରିବାର କୋରାପୁଟ ଟାଉନ ଥାନାରେ ଏତଲା ଦେଇଥିଲେ। ୨୦୧୮ ଅକ୍ଟୋବର ୪ରେ ୨୦୭/୨୦୧୮ରେ ଏକ ମାମଲା ରୁଜୁହୋଇ ୪୨୦/୪୧୯, ୪୬୮, ୫୦୬, ୫୦୭ ଆଇପିସି ଧାରା ଅନୁଯାୟୀ ତଦନ୍ତ ଚାଲିଥିଲା। ଏହି ମାମଲାରେ ଅଜୟଙ୍କୁ ଟାଉନ ଥାନା ପୋଲିସ ମୁମ୍ବାଇରୁ ଚଳିତ ମାସ ୧୨ ତାରିଖ ଗିରଫ କରିଥିବା ଥାନା ଅଧିକାରୀ ବୁଧବାର ବୁଧବାର ସୂଚନା ଦେଇଛନ୍ତି।

## ନାକଟିଡଙ୍ଗର ପାହାଡ଼ ଚଢ଼ିଲେ ୮୦ ଯୁବକ


ପାହାଡ ଶୀର୍ଷରେ ଯୁବକ ଓ ଛାତ୍ରମାନେ ।

ଜୟପୁର,୧୬।୧(ଡି.ଏନ୍.ଏ.)

ଜୟପୁର ସହରର ବିଭିନ୍ନ ସଂଗଠନର ୮୦ ଜଣ ଯୁବକ ଓ ଛାତ୍ର ମଙ୍ଗଳବାର ପୂର୍ବାହ୍ନରେ ସ୍ଥାନୀୟ ରଘୁନାଥ ମନ୍ଦିରରୁ ବାହାରି ପୁରୁଣାଗଡ଼ ସମୁଦ୍ର ପତ୍ତନରୁ ୭୦୦ ମିଟର ଉଚ୍ଚରେ ଥିବା ନାକଟିଡଙ୍ଗର ପାହାଡ଼ ଚଢ଼ିଛନ୍ତି। ସେଠାରେ ୪୦ ଫୁଟ ଲୁହାଖମ୍ବ ପୋତାଯାଇ ସେମାନେ ଗେରୁଆ ପତାକା ଲଗାଇଥିଲେ । ପୂର୍ବାହ୍ନ ୮ଟାରୁ ଏହି ଦଳ ପାହାଡ଼ ଚଢ଼ିବା ପରେ ସେଠାରେ ପତାକା ଲଗାଇ ସନ୍ଧ୍ୟା ୬ଟାରେ ତଳକୁ ଓହ୍ଲାଇଥିଲେ। ଏଥିରେ ଲଳିତ ଅଗ୍ରୱାଲ, ସୁଧାଂଶୁ ଶେଖର ଜେନା, ମୁରଲି ପଟ୍ଟନାୟକ, ପିଲୁ ଦାଶ, ସଦାଶିବ ପଟ୍ଟନାୟକ, ରଜନୀକାନ୍ତ ନାୟକ, ସୁବ୍ରତ ପଣ୍ଡା, କୃଷ୍ଣ କେଶବ ଷଡ଼ଙ୍ଗୀ, ବିଜୟ ରାୟ ଜେନାଦେଓ, ପ୍ରଭାକର ସାହୁ, ସୁଜିତ ପାଣି, ଲାଲୁ ଶର୍ମା, ନିରଞ୍ଜନ ପାଣିଗ୍ରାହୀ, ସୁରେଶ ସାମନ୍ତରାୟ ଯୋଗ ଦେଇଥିଲେ।

■ ଖବରଦାତା ସମ୍ମିଳନୀରେ ଗଦାଧରଙ୍କ ସୂଚନା

# ‘ଓଡ଼ିଶାର ଥିଲା ଡକନି ୟେଲଙ୍ଗାବାଲସା’

କୋରାପୁଟ,୧୬।୧(ସ୍ୱ.ପ୍ର.)

କୋରାପୁଟ ଜିଲା କୋଟିଆ ପଞ୍ଚାୟତରେ ଥିବା ୨୧ଟି ରାଜସ୍ୱ ଗ୍ରାମ ସହ ବର୍ତ୍ତମାନ ଆନ୍ଧ୍ର କବ୍‌ଜାରେ ଥିବା ଡକନି ୟେଲଙ୍ଗାବାଲସା ଗ୍ରାମ ଓଡ଼ିଶାର ଥିଲା। ସ୍ଥାନୀୟ ଆଦିବାସୀ ସଂଗ୍ରହାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପୂର୍ବତନ କୋରାପୁଟ ଜିଲାପାଳ ତଥା କୋଟିଆ ଉନ୍ନୟନ କମିଟିର ଉପଦେଷ୍ଟା ଗଦାଧର ପରିଡ଼ା ଏହି ସୂଚନା ଦେଇଛନ୍ତି। ସାଲୁର ମଣ୍ଡଳ ଅଧୀନରେ ଥିବା ଡାକନି ୟେଲେଙ୍ଗାବାଲସା ଗ୍ରାମର ୨ ଏକର ଜମି କୋରାପୁଟ ଜିଲାର ଜୟପୁର ସ୍ଥିତ ସବରେଜିଷ୍ଟ୍ରେସନ କାର୍ଯ୍ୟାଳୟରେ ୧୯୫୬ ଏପ୍ରିଲ ୨୬ରେ ମାତ୍ର ୩୦୦ ଟଙ୍କାରେ କିଣାଯାଇ ପଞ୍ଜିକରଣ କରାଯାଇଥିଲା। ସେତେବେଳେ ସାଲୁର ମଣ୍ଡଳ କୋଣ୍ଡାଦୋରା ଜାତିର ଦାମଦୋରା ନାମକ ଜଣେ ବ୍ୟକ୍ତି ଏହି ଜମି କିଣିଥିଲେ। ଏହି ପଞ୍ଜିକରଣକୁ ଆଧାର କରି ଡାକନି ୟେଲେଙ୍ଗାବାଲସା ଗ୍ରାମ ଓଡ଼ିଶାର ବୋଲି ପ୍ରମାଣିତ ହୋଇଛି । ଅନ୍ୟ ଯେଉଁ ସବୁ ଗ୍ରାମ ବର୍ତ୍ତମାନ ଆନ୍ଧ୍ର ଦଖଲରେ ରହିଛି, ତାକୁ କିପରି ଓଡ଼ିଶା ଅଧୀନକୁ ଅଣାଯିବ, ସେ ନେଇ ସ୍ଥାନୀୟ ବାସିନ୍ଦା ଆଗାମୀ ଦିନରେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ। ଏଠାରେ ଉଲ୍ଲେଖଯୋଗ୍ୟ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ୫ ଦଶନ୍ଧି ଧରି ଚାଲିଥିବା ବିବାଦ ଯୋଗୁଁ ଏହି ଅଞ୍ଚଳରେ ବିକାଶ ସଠିକ୍ ଭାବେ ହୋଇପାରୁ ନାହିଁ।

■ କୋରାପୁଟର ପର୍ଯ୍ୟଟନ ସ୍ଥଳୀ ଘୋଡ଼ାଦୋରା

# ଆକର୍ଷଣ ଅଛି, ଭିତ୍ତିଭୂମି ନାହିଁ

କୋରାପୁଟ,୧୬।୧(ସ୍ୱ.ପ୍ର.)



ପ୍ରାକୃତିକ ପରିବେଶ ଓ ସୁନ୍ଦର ଛୋଟ ଛୋଟ ଜଳପ୍ରପାତ ଭିତରେ ଅନ୍ୟତମ ଥିବା କୋରାପୁଟ ବ୍ଲକ ଘୋଡ଼ାଦୋରା ପର୍ଯ୍ୟଟନ ସ୍ଥଳୀ ଏବେ ଅବହେଳିତ ଅବସ୍ଥାରେ ରହିଛି । ପର୍ଯ୍ୟଟନ ବିଭାଗ ଓ ବ୍ଲକ ପ୍ରଶାସନର ଉଦାସୀନତା ଯୋଗୁଁ ଏହି ପର୍ଯ୍ୟଟନ ସ୍ଥଳୀ ପୂର୍ବରୁ ଥିବା ଭିତ୍ତିଭୂମି ନଷ୍ଟ ହୋଇପଡ଼ିଛି।

କୋରାପୁଟ ସଦରରୁ ରାଣୀଗଡ଼ ରାସ୍ତାର ମାତ୍ର ୧୨ କିମି ଗଲେ ପଡ଼େ ଏହି ମନୋରମ ସ୍ଥାନ। ବାଘ୍ରାନଦୀର ଅବବାହିକାରେ ଜଳରାଶି ପଥର ଉପରେ ପଡ଼ି ୫ରୁ ୮ ଫୁଟଯାଏ ଛୋଟ ଛୋଟ ପ୍ରପାତ ସୃଷ୍ଟି ହୋଇଛି। ନଦୀର ପାର୍ଶ୍ୱରେ ରହିଛି ଘଞ୍ଚ ବନାନୀ ସହ ସୁଉଚ୍ଚ ପାହାଡ଼। ଜିଲା ସହ ବାହାର ପର୍ଯ୍ୟଟକଙ୍କୁ ମଧ ଏହା ଆକର୍ଷିତ କରିଥାଏ । ଫେବୃଆରୀ ମାସ ଯାଏଁ ଏଠାରେ ଶତାଧିକ ସଂଖ୍ୟାରେ ପର୍ଯ୍ୟଟକଙ୍କ ଭିଡ଼ ଜମେ। ବଣଭୋଜି ପାଇଁ ୭ ବର୍ଷ ତଳେ ଏଠାରେ ଲକ୍ଷାଧିକ ଟଙ୍କାରେ ପିଣ୍ଡିମାନ ତିଆରି ହୋଇଥିଲା। କିନ୍ତୁ ବର୍ଷାଦିନେ ନଦୀର ଜଳସ୍ରୋତ ପିଣ୍ଡିକୁ ଭସାଇ ନେଇଛି। ଏବେ ପର୍ଯ୍ୟଟକ ଭୋଜି କରିବାକୁ ପହଞ୍ଚିବା ବେଳେ ପିଣ୍ଡି ନଥାଇ ଅସୁବିଧା ଭୋଗୁଛନ୍ତି। ଏଠାରେ ନଳକୂପ ବସାଇବା ସହ ସ୍ଥାନର ଭିତ୍ତିଭୂମିର ବିକାଶ ନେଇ ଜିଲା ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହୋଇଛି। କୋରାପୁଟ ବିଡିଓ ନରେନ୍ଦ୍ର ନାୟକଙ୍କ ପଚାରିବାରୁ ସେ କହିଥିଲେ, ଆଗାମୀ ଦିନରେ ଏହି ସ୍ଥାନର ଉନ୍ନତି ପାଇଁ ଜିଲା ପର୍ଯ୍ୟଟନ ବିଭାଗ ସହ ମିଶି ବ୍ଲକ ପ୍ରଶାସନ କାମ କରିବ।

## ସପ୍ତାହେ ହେଲା ଟ୍ରାନ୍ସଫର୍ମର ଅଚଳ, ଅନ୍ଧାରରେ ଗାଁ

ନନ୍ଦପୁର,୧୬।୧(ଡି.ଏନ୍.ଏ.)

ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଥୁବା ପଞ୍ଚାୟତ ସାତସିମିଳି ଗ୍ରାମର ମାଳିସାହିରେ ବିଦ୍ୟୁତ୍ ଯୋଗାଣ ବନ୍ଦ ଥିବାରୁ ସପ୍ତାହେ ହେଲା ବାସିନ୍ଦା ଅନ୍ଧାରରେ ରହୁଛନ୍ତି। ବିଦ୍ୟୁତ୍ ଅଭାବରୁ ବୈଦ୍ୟୁତିକ ଉପକରଣଗୁଡ଼ିକ ଚାଲୁନାହିଁ। ଏଥିପାଇଁ ଗ୍ରାମବାସୀ ନାନା ହଇରାଣ ହେଉଛନ୍ତି। ଟ୍ରାନ୍ସଫର୍ମର ପୋଡ଼ି ଯାଇଥିବାରୁ ନୂତନ ଟ୍ରାନ୍ସଫର୍ମର ଲାଗିଲେ ବିଦ୍ୟୁତ୍ ଯୋଗାଣ କରାଯିବ ବୋଲି ବିଦ୍ୟୁତ୍ ବିଭାଗ କର୍ମଚାରୀ କହିଛନ୍ତି। ମାଧବ ଗୋଲରୀ, ସୋମନାଥ ମାଛି, ରମେଶ ଖିଲ, ଦୟାନିଧି ଖରା, ଲଇଛନ ମାଛି, ତ୍ରିନାଥ ମାଛି, ସୁକାନ୍ତ ଖିଲ ପ୍ରମୁଖ ବାସିନ୍ଦା ଟ୍ରାନ୍ସଫରମର ଯଥାଶୀଘ୍ର ମରାମତି କରିବାକୁ ବିଦ୍ୟୁତ୍ ବିଭାଗରେ ଦାବି କରିଛନ୍ତି। କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଦାବି ଜଣାଇବାକୁ ବିଦ୍ୟୁତ୍ ବିଭାଗ କର୍ମଚାରୀ ପରାମର୍ଶ ଦେଇଛନ୍ତି। କନିଷ୍ଠ ଯନ୍ତ୍ରୀ ନନ୍ଦପୁରରେ ଅନୁପସ୍ଥିତ ଥିବାରୁ ତାଙ୍କର ପ୍ରତିକ୍ରିୟା ମିଳିପାରି ନାହିଁ।












Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ